## ସର୍ଭିକାଲ କ୍ୟାନ୍ସର ପ୍ରତିରୋଧକ ଦ୍ୱିତୀୟ ଟୀକାକରଣ ଶିବିର




ଝାରସୁଗୁଡ଼ା,୨୦।୮ (ସମିସ): ଇଜେଭି ଫାଉଣ୍ଡେସନ ଓ ରୋଟାରୀ କ୍ଲବ୍ ଗ୍ରୀନର ମିଳିତ ଅନୁକୂଲ୍ୟରେ ସର୍ଭିକାଲ କ୍ୟାନ୍ସର ପ୍ରତିରୋଧକର ଦ୍ୱିତୀୟ ଡୋଜ ଟୀକାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସର୍ବାହଲ ସରକାରୀ ବିଦ୍ୟାଳୟ ଠାରେ ବୁଧବାର ସକାଳେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ସର୍ବମୋଟ ୫୦ ଜଣ ଟୀକା ନେଇଥିଲେ। ବର୍ତ୍ତମାନର ଯୁବ ସମାଜକୁ ସର୍ଭିକାଲ କ୍ୟାନ୍ସର ବାବଦରେ ସଚେତନ କରିବା ଓ କ୍ୟାନ୍ସରରୁ ବଞ୍ଚାଇବା, ମଧ୍ୟ ଓ ନିମ୍ନ ବର୍ଗ ରୋଜଗାର ଥିବା ପରିବାରର ପିଲା ମାନଙ୍କୁ ଟୀକାକରଣ କରାଇବା ଶିବିରର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଶିବିର ଡାକ୍ତର ବବିତା ରମଣୀଙ୍କ ଉପସ୍ଥିତି ଓ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ମାନସୀ ପଣ୍ଡା, ପ୍ରିୟା ରାୟ, ସୋଭନା ସୋହେଲା, ସୁମିତ୍ରା ପଣ୍ଡା, ମିନା ସୋନି, ଦୀପ୍ତି ବେହେରା, ପୂନମ ପଟେଲ, ଅଞ୍ଜଳି ମୋଦି, ହର୍ଷିତ ମୋଦି ପ୍ରମୁଖ ଉପସ୍ଥିତ ଥିଲେ।

## ବଦ୍ରିପ୍ରସାଦ ନର୍ସିଂ କଲେଜରେ ମେଗା ରକ୍ତଦାନ ଶିବିର



ବରଗଡ଼,୨୦।୮ (ସମିସ): ବରଗଡ଼ର ବଦ୍ରିପ୍ରସାଦ କଲେଜ ଅଫ୍ ନର୍ସିଂରେ ଓଡ଼ିଶା ରକ୍ତକେନ୍ଦ୍ର, ଡିଏଚ୍‌ଏଚ୍, ବରଗଡ଼ର ସହଯୋଗରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ କର୍ମଚାରୀ ମାନେ ଅଂଶଗ୍ରହଣ କରିଥିଲେ। ରକ୍ତଦାନ ଅଭିଯାନରେ ଛାତ୍ର ଏବଂ ଅଧ୍ୟାପକମାନଙ୍କ ଦ୍ୱାରା ମୋଟ ୪୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ସମ୍ବଲପୁରର ବଦ୍ରିପ୍ରସାଦ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜିବ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଶିବିରରୁ ସଂଗୃହୀତ ରକ୍ତ ସ୍ଥାନୀୟ ରକ୍ତଭଣ୍ଡାରରେ ରଖାଯିବା ସହ ଆବଶ୍ୟକ ସ୍ଥଳେ ରୋଗୀଙ୍କ ପାଇଁ ସମୟାନୁସାରେ ରକ୍ତ ଉପଲବ୍ଧତା ସୁନିଶ୍ଚିତ କରିବ ବୋଲି ଶ୍ରୀ ଅଗ୍ରୱାଲ କହିଥିଲେ।

## ଦଶମାଇଲ ନଅଗାଁରେ ବୃଦ୍ଧାଶ୍ରମ ଉଦ୍‌ଘାଟିତ

ସୋହେଲା,୨୦।୮ (ସମିସ): ସୋହେଲା ବ୍ଲକ୍ ଗର୍ଭଣା ପଞ୍ଚାୟତ ଅଧୀନ ଦଶମାଇଲ ନିକଟସ୍ଥ ନଅଗାଁରେ ବୟୋଜ୍ୟେଷ୍ଠ ମାନଙ୍କ ପାଇଁ ସେବାକେନ୍ଦ୍ର ବା ବୃଦ୍ଧାଶ୍ରମ 'ଆଶ୍ରା' ପ୍ରଜ୍ଞା ସରସ୍ୱତୀଙ୍କ ଦ୍ୱାରା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ସୋହେଲା କଲେଜ ପୂର୍ବତନ ଅଧ୍ୟକ୍ଷ ଟେକଚାନ୍ଦ ଦୁଆନ, ଡ.ଶିଶିର ସାହୁ ମଞ୍ଚାସୀନ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପରାଗ ସାହୁ, ସରୋଜ ଭୋଇ, ଅନିଲ ପାଧାନ, ଦିବାକର ମାଝି, କିଶୋର ସାହୁ, ରବିଶଙ୍କର ପଧାନ, କନାପଲି ସରପଞ୍ଚ ମହରଗି ସାହୁ, ନିରଞ୍ଜନ ନାଏକ, ଯତୀନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ରଞ୍ଜନ ପଣ୍ଡା ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଲୀଳାମୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବହୁ ସଂଖ୍ୟାରେ ଅଞ୍ଚଳର ବୁଦ୍ଧିଜୀବୀ ଓ ସମାଜସେବୀ ଉପସ୍ଥିତ ଥିଲେ।

### ପୌରପରିଷଦରେ ଟଙ୍କା ହେର୍‌ଫେର୍ ମାମଲା

# ତୃତୀୟ ଦିନରେ ସ୍ୱତନ୍ତ୍ର ଅଡିଟ୍ ଟିମ୍‌ର ତନାଘନା

ଝାରସୁଗୁଡ଼ା,୨୦।୮ (ସମିସ)




ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌରପରିଷଦରେ ୨୦୨୪-୨୫ ଆର୍ଥିକ ବର୍ଷରେ କୋଟି କୋଟି ଟଙ୍କା ହେରଫେରର ସ୍ୱତନ୍ତ୍ର ଅଡିଟ ବୁଧବାର ତୃତୀୟ ଦିନରେ ପହଞ୍ଚିଛି। ତୃତୀୟ ଦିନରେ ଦୁଇ ଜଣିଆ ଅଡିଟ ଟିମ୍ ସକାଳୁ ସନ୍ଧ୍ୟା ଯାଏଁ ତନାଘନା କରିଛି। ବହୁ କାଗଜ ଖୋଳତାଡ ସହ ଆୟ ବ୍ୟୟର ହିସାବ କରାଯାଇଛି। ହେରଫେରରେ ସମ୍ପୃକ୍ତ ଆକାଉଣ୍ଟାଣ୍ଟ ବିଭୂତି ସାହୁଙ୍କୁ ଗତକାଲି ବେଲପାହାଡ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ସାନିଟାରୀ ଏକ୍ସପର୍ଟ ସୌମ୍ୟ ବିଶ୍ୱରଞ୍ଜନ ମହାଲିକୁ ପୁଲିସ ଖୋଜୁଛି। ମୋବାଇଲ ସ୍ୱିଚ ଅଫ କରି ହାଇକୋର୍ଟରୁ ବେଲ୍ ଆଣିବା ପାଇଁ ସୌମ୍ୟ ଆତ୍ମଗୋପନ କରିଥିବା ଚର୍ଚ୍ଚା ଜୋର ଧରିଛି। ଅନ୍ୟପଟେ ବେଲପାହାଡ ପୌରପରିଷଦ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂଙ୍କୁ

### ସାନିଟାରୀ ଏକ୍ସପର୍ଟଙ୍କୁ ଖୋଜୁଛି ପୁଲିସ

ମଧ୍ୟ ଏହି ମାମଲାରେ ନୋଟିସ କରାଯାଇଥିବା ସୂତ୍ରରୁ ଜଣାପଡିଛି। ମଧୁସ୍ମିତାଙ୍କୁ ପଚରାଉଚୁରା କଲେ ଟଙ୍କା ହେରଫେର ମାମଲାର ଅନେକ ତଥ୍ୟ ସମ୍ନାକୁ ଆସିବାର ସମ୍ଭାବନା ରହିଛି। ତେବେ ଦୁଇ ଜଣିଆ ସ୍ୱତନ୍ତ୍ର ଅଡିଟ ଟିମ ବେଲପାହାଡ ପୌର ପରିଷଦ ପହଞ୍ଚି ଆୟ ବ୍ୟୟର ଅଡିଟ ଆରମ୍ଭ କରିଛି। ବିଭିନ୍ନ କର୍ମଚାରୀଙ୍କୁ ପଚରାଉଚୁରା, କାଗଜପତ୍ର ତଦାରଖ ସହ ବନ୍ଦ ଥିବା ବିଭିନ୍ନ କୋଠରୀ ଖୋଲି ତଦନ୍ତ ଆରମ୍ଭ ହୋଇଛି। ଅଡିଟ ଟିମରେ ଅଡିଟ ଅଫିସର ମନୋରଞ୍ଜନ ବେହେରା ଏବଂ ଅଡିଟର ଅରବିନ୍ଦ ସାମନ୍ତ ରହିଥିବା ଜଣାପଡିଛି। ୨୦୨୪-୨୫ ବର୍ଷର ଆୟ ବ୍ୟୟ ଓ ବିଭିନ୍ନ କାର୍ଯ୍ୟରେ ଖର୍ଚ୍ଚ ହୋଇଥିବା ଟଙ୍କା ବିଷୟରେ ୧୫ଟି କାର୍ଯ୍ୟ ଦିବସ ଯାଏଁ ଅଡିଟ କରାଯିବ। ଏହି ସମୟରେ ସମସ୍ତ କର୍ମଚାରୀଙ୍କୁ ଆବଶ୍ୟକ କାଗଜପତ୍ର ସହ ଉପସ୍ଥିତ ରହିବା ପାଇଁ ଅତିରିକ୍ତ ସଚିବଙ୍କ ପକ୍ଷରୁ ବେଲପାହାଡ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି କରାଯାଇଛି।

## ଲାଞ୍ଚ ନେଇ ଧରାପଡ଼ିଲେ ରାମପୁର ସବ୍ ଏରିଆ ଚିଫ୍ ମ୍ୟାନେଜର

ଝାରସୁଗୁଡ଼ା,୨୦।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର, ରାମପୁର ସ୍ଥିତ ଏମସିଏଲ କୋଇଲା ଖଣିର ରାମପୁର ସବଏରିଆର ଚିଫ ମ୍ୟାନେଜର (ମାଇନିଂ) ଅସିତ୍ ଲାଞ୍ଚ ନେଲା ବେଳେ ସିବିଆଇ ହାତରେ ଧରାପଡିଛନ୍ତି। ରାମପୁର ଡିସପେନସନରୀର ଜଣେ କର୍ମଚାରୀ ରମେଶ ସୋରେନର ନିଲମ୍ବନ ଆଦେଶ ଉଠାଇ ରେଗୁଲାର କରିବାକୁ ଅସିତ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ଲାଞ୍ଚ ଜଣେ ଠିକାଦାର ବାବୁରାମ ମାଧ୍ୟମରେ ନେଉଥିବା ସମୟରେ ସିବିଆଇ ମାଡିବସିଥିଲା। ସିବିଆଇ ଟଙ୍କା ଜବତ କରିବା ସହ ଅସିତଙ୍କୁ ଗିରଫ କରିଛି। ପ୍ରଥମେ ସବଏରିଆ ଚିଫ ମ୍ୟାନେଜର ଅଫିସ ଠାରେ କାଗଜପତ୍ର ଯାଞ୍ଚ କରିବା ସହ ଚିଫ ମ୍ୟାନେଜର ଅସିତଙ୍କ କ୍ୱାର୍ଟରରେ ମଧ୍ୟ କାଗଜପତ୍ର ଯାଞ୍ଚ କରୁଛି ସିବିଆଇ। ପ୍ରକାଶଯୋଗ୍ୟ, ଡିସପେନସନରୀର କର୍ମଚାରୀ ରମେଶ ସୋରେନ କିଛି ଦିନ ପୂର୍ବରୁ ମଦ୍ୟପାନ କରି ଡିସପେନସେରେ ଅନ୍ୟ ଦୁଇ କର୍ମଚାରୀଙ୍କ ସହ ଝଗଡା କରିଥିଲେ। ପରେ ରମେଶଙ୍କ ପୁଅ ମାନେ ଆସି କର୍ମଚାରୀମାନଙ୍କୁ ମାରପିଟ କରିଥିଲେ। ଯାହା ଫଳରେ ରମେଶଙ୍କୁ ନିଲମ୍ବିତ କରାଯାଇଥିଲା। ତାଙ୍କୁ ଚାକିରିରେ ପୁଣି ସ୍ଥାୟୀ କରିବା ପାଇଁ ସବ ଏରିଆ ମ୍ୟାନେଜର ଅସିତ ଜଣେ ଠିକାଦାର ମାଧ୍ୟମରେ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ ବୋଲି ସୂଚନା ମିଳିଛି।

## ଟ୍ରକ ଧକ୍କାରେ ମହିଳା ମୃତ

ଝାରସୁଗୁଡ଼ା,୨୦।୮ (ସମିସ): ଜାତୀୟ ରାଜପଥ ୪୯ ଝାରସୁଗୁଡ଼ା ଜିଲ୍ଲା ଭିକମପାଲି ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଏକ ସ୍କୁଟିକୁ ଟ୍ରକ ଧକ୍କା ଦେବାରୁ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ଚିଖିଲାପାଲି ଗାଁର ପ୍ରଗତୀ ପଣ୍ଡା ବୋଲି ରେଙ୍ଗାଲି ପୁଲିସ ସୂଚନା ଦେଇଛି। ଛତିଶଗଡ ସ୍ଥିତ ନିଜ ଶାଶୁଘରୁ ବାପଘରକୁ ବୁଧବାର ଅପରାହ୍ଣରେ ପ୍ରଗତୀ ଏକ ସ୍କୁଟି ଯୋଗେ ଆସୁଥିଲେ। ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଧୀନ ଜାତୀୟ ରାଜପଥ ୪୯ ଭିକମପାଲି ନିକଟ ଚିକିଲାପାଲି ହଟିକଲଚର ନିକଟରେ ତାଙ୍କୁ ଏକ ଟ୍ରକ ଧକ୍କା ଦେବାରୁ ରାସ୍ତା ତଳକୁ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣା ବିଷୟରେ ପୁଲିସକୁ ଖବର ଦେବାସହ ଗୁରୁତର ଅବସ୍ଥାରେ ପ୍ରଗତୀଙ୍କୁ ଉଦ୍ଧାର କରି ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରେଙ୍ଗାଲି ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଦୁର୍ଘଟଣା ଗସ୍ତ ଟ୍ରକ ଓ ସ୍କୁଟିକୁ ଜବତ କରିବା ପ୍ରଗତୀଙ୍କ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପୌରପରିଷଦର ନୂତନ କୋଠା ସହ ବିଭିନ୍ନ ସମସ୍ୟା ସମାଧାନ ପାଇଁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି

ଦେବଗଡ଼,୨୦।୮ (ସମିସ): ଦେବଗଡ଼ ପୌର ପରିଷଦର ବିଭିନ୍ନ ସମସ୍ୟାର ସମାଧାନ ନେଇ ବୁଧବାର ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ଭୁବନେଶ୍ୱରରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ସାକ୍ଷାତକରି ସବିଶେଷ ଆଲୋଚନା କରିଛି। ଏହି ଅବସରରେ ଦେବଗଡ଼ ସହରରେ ଅର୍ଦ୍ଧନିର୍ମିତ କଳା ପରିଷଦ ହଲର ପୂର୍ଣ୍ଣ ନିର୍ମାଣ ସହ ପୌର ପରିଷଦର ନୂତନ କୋଠା ନିର୍ମାଣ ପାଇଁ ୩ କୋଟି ଟଙ୍କା ଅର୍ଥ ଯୋଗାଇବା ନେଇ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ଗ୍ରହଣ କରି ମନ୍ତ୍ରୀ ଶ୍ରୀ ମହାପାତ୍ର ଅର୍ଥରାଶି ଯୋଗାଇବା ନେଇ ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ କାଉନସିଲର ମଧୁସୂଦନ ବାଘ, କାର୍ତ୍ତିକ ମହାକୁଳ ଏବଂ ଜିଲ୍ଲା ବିଜେପିର ଉପସଭାପତି ସତ୍ୟନାରାୟଣ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ହାଇଟେକ୍ ସର୍ଭେର ଡିଜିପିଏସ୍ ଓ ଇଟିଏସ୍‌ର କାର୍ଯ୍ୟକାରିତା ଉପରେ ପ୍ରଶିକ୍ଷଣ

ଦେବଗଡ଼,୨୦।୮ (ସମିସ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ହାଇଟେକ୍ ସର୍ଭେର ଡିଜିପିଏସ ଓ ଇଟିଏସ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଜିଲ୍ଲାରେ ଆଧୁନିକ ପ୍ରଣାଳୀରେ ଡିଜିପିଏସ ଏବଂ ଇଟିଏସ ମେସିନ୍ ମାଧ୍ୟମରେ ଜମିର ମାପ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଡାଇରେକ୍ଟର ଲ୍ୟାଣ୍ଡ ରେକର୍ଡ ଆଣ୍ଡ ସର୍ଭେ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ ଶିବିର ଆସନ୍ତା ଶୁକ୍ରବାର ଉଦ୍‌ଯାପିତ ହେବ। ଶିବିରରେ ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲିକ, ଡେପୁଟି କଲେକ୍ଟର ମମତାଜ୍ ମହାରଣା, ସହକାରୀ ଜିଲ୍ଲାପାଳ ତାପସ ମହନ୍ତ, ଈଶ୍ୱର ଗୁରୁ, ରାଜସ୍ୱ ଉପବିଭାଗ ଅଧିକାରୀ କ୍ଷିରେଶ୍ୱର ସାହୁ, ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ଅମିନ ଓ ରେଭିନ୍ୟୁ ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ।

## ତ୍ରିଦିବସୀୟ ଶିକ୍ଷଣ କର୍ମଶାଳା ଉନ୍ମେଷ ୨.୧ ଉଦ୍‌ଘାଟିତ

ଝାରସୁଗୁଡ଼ା,୨୦।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଟିଆର୍‌ଏଲ୍ କ୍ରୋସାକି, ବେଲପାହାଡର ମିଳିତ ଆନୁକୂଲ୍ୟରେ ଜୁବଲି ହଲ, ଗୁମାଡେରାରେ ଶିକ୍ଷାବର୍ଷ ୨୦୨୫-୨୬ରେ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଶହେ ଜଣ ଏବଂ ଆକାଂକ୍ଷୀ ଛାତ୍ରଛାତ୍ରୀଙ୍କୁ ନେଇ ବର୍ଷର ପ୍ରଥମ ତ୍ରିଦିବସୀୟ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ ୨.୧' ଉଦ୍‌ଘାଟିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡ଼ତିଆ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ ସା ଛାତ୍ରଛାତ୍ରୀ ଉଚ୍ଚାକାଂକ୍ଷୀ ହେବା ସହ ଉତ୍ତମ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ ପଟେଲ, କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ, ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, କିର୍ମିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡା, ଟିଆର୍‌ଏଲ୍ କ୍ରୋସାକି ବେଲପାହାଡର ପିଆର ଆଣ୍ଡ ସିଏସଆର ଜେନେରାଲ ମ୍ୟାନେଜର ଡ.ସନ୍ତୋଷ ମିଶ୍ର, ସିନିଅର ମ୍ୟାନେଜର ଶଶାଙ୍କ ଦୀକ୍ଷିତ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ନିରୋଜ ପଟେଲ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ସମାରୋହରେ ଗିରିଧରଲାଲ୍ ଉଚ୍ଚ ବିଦ୍ୟାଳୟ ବେଲପାହାଡର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଟିଆରଏଲ୍ କ୍ରୋସାକିର ଦୀପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାଣଙ୍କ ମାର୍ଗଦର୍ଶନରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆଙ୍କର ତତ୍ତ୍ୱାବଧାନରେ କର୍ମଶାଳା ଆୟୋଜନ କରାଯାଉଛି। ଛାତ୍ରଛାତ୍ରୀଙ୍କର ଶିକ୍ଷଣ ଆକାଂକ୍ଷାଗୁଡିକୁ ପୂରଣ କରିବା ଦିଗରେ ଏବର୍ଷ ଆହୁରି ୩ଟି ସହାୟକ ଶିକ୍ଷଣ କର୍ମଶାଳା ଆୟୋଜନ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଡ.ଗଡତିଆ ସୂଚନା ପ୍ରଦାନ କରିଛନ୍ତି। ଏହାର ସଫଳ ରୂପାୟନ ପାଇଁ ଅଭିଜ୍ଞ ବିଷୟ ଶିକ୍ଷକ ସଚିନ୍ଦ୍ର ପଟେଲ, ଟୁନାରଣା, କୁଶ ସା, ପ୍ରମୋଦ ପଟେଲ, ବିପ୍ଳବ ପାତ୍ର, ରଞ୍ଜନ ପଧାନ, ବିଜୟ ତ୍ରିପାଠୀ, ସାରିକା ତ୍ରିପାଠୀ, ଜୟଶଙ୍କର ନାଗ, ନିତ୍ୟାନନ୍ଦ ନାୟକ, ଭାରତୀ ଭୋଇ, ଦୁଃଖିଶ୍ୟାମ ବେହେରା, ଅରୁଣ ଭୋଇ, ଶିବଶଙ୍କର ମେହେର, ସବିତା ସାହୁ, ସୁଜିତ ପଧାନ, ପ୍ରମୁଖଙ୍କୁ ସାଧନ କର୍ମୀ ଭାବେ ନିଯୁକ୍ତ କରାଯାଇଛି।

# ଇନୋଭେସନ ଆଣ୍ଡ ଷ୍ଟାର୍ଟଅପ୍ ପ୍ରତିଯୋଗିତା

ବରଗଡ଼,୨୦।୮ (ସମିସ): ଉଦ୍ୟୋଗ କ୍ଷେତ୍ରରେ ଯୁବପିଢ଼ିକୁ ଆକର୍ଷିତ କରିବା ସହ ଛାତ୍ର ଜୀବନରୁ ଆତ୍ମ ନିର୍ଭରଶୀଳ ହୋଇ ଅର୍ଥ ଉପାର୍ଜନର ମାର୍ଗ ଖୋଜି ଅନ୍ୟ ମାନଙ୍କ ପାଇଁ ଦୃଷ୍ଟାନ୍ତ ସୃଷ୍ଟି କରିବା ତଥା ବେକାରୀ ସମସ୍ୟା ଦୂରୀକରଣ ଓ ଦେଶର ବିକାଶରେ ସହଯୋଗ କରିବାର ସଂକଳ୍ପ ହେଉଛି 'ଇନୋଭେସନ ଆଣ୍ଡ ଷ୍ଟାର୍ଟଅପ ପ୍ରତିଯୋଗିତା ୨୦୨୫'। ଏନେଇ ପାର୍ବତୀ ଗିରି ମହିଳା




ମହାବିଦ୍ୟାଳୟ ବରଗଡ଼ରେ ଜୁଲାଇ ଶେଷ ସପ୍ତାହରୁ ଆରମ୍ଭ ହୋଇ ବିଭିନ୍ନ ସ୍ତର ଦେଇ ଆଲୋଚନା ଓ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଛାତ୍ରୀମାନେ ତାଙ୍କ ଯୋଜନାର ସମସ୍ୟା, ଉଦ୍ଦେଶ୍ୟ, ଆବଶ୍ୟକତା ଓ ଭୂମିକା ଉପରେ ବିଚାରକ ସାମ୍ନାରେ ଉଭୟ ଲିଖିତ ମୌଖିକ ତଥା ପିପିଟି ମାଧ୍ୟମରେ ଉପସ୍ଥାପିତ କରିଥିଲେ। ବିଚାରକ ଭାବେ ସଦ୍ୟ ଦକ୍ଷିଣ ଆଫ୍ରିକା ଫେରନ୍ତା ଯୁବ ଉଦ୍ୟୋଗୀ, ମେଡି ଲାଇଫ ୨୪୭ର ପ୍ରତିଷ୍ଠାତା ତଥା ବର୍ତ୍ତମାନ ଆଇଆଇଏମ୍‌ରେ କାର୍ଯ୍ୟରତ ସୁମନ୍ତ ବିଶ୍ୱାଳ ଯୋଗ ଦେଇଥିଲେ। ଜୀବବିଜ୍ଞାନ ସମ୍ମାନର ଛାତ୍ରୀ ଅମୃତା ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କଳା ମାଧ୍ୟମରେ ଗାଁର କଳାକାରଙ୍କୁ ଯୋଡିବାର ଶୀର୍ଷକ 'କଳା ସେତୁ' ତାଙ୍କ ପ୍ରସ୍ତାବ ଥିଲା। ଦ୍ୱିତୀୟ ସ୍ଥାନରେ ଥିଲେ ଶିକ୍ଷା ସମ୍ମାନ ଓ ପଦାର୍ଥ ବିଜ୍ଞାନ ସମ୍ମାନର ଛାତ୍ରୀ ଶିବାନୀ ପ୍ରଧାନ ଓ ସ୍ୱାଗତିକା ସାହୁ। ଉଭୟଙ୍କ ପ୍ରସ୍ତାବର ଶୀର୍ଷକ ଯଥାକ୍ରମେ ଥିଲା 'ଷ୍ଟିଚ୍ ସଖୀ' ଓ 'ଇକୋ ପେକ୍'। ତୃତୀୟ ସ୍ଥାନ ଅଧିକାର କରିଥିବା ସ୍ୱାତୀ ଦାଶ 'ବସ୍ତ୍ର ଶକ୍ତି' ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମ ଅଧ୍ୟାପିକା ମୌସୁମୀ ଲିଜା ନାୟକ ଓ ଡ.ସଂଘମିତ୍ରା ମିଶ୍ରଙ୍କ ଦିଗ୍‌ଦର୍ଶନ ଓ ନେତୃତ୍ୱରେ ତଥା ଅଧ୍ୟାପକ ବିଶ୍ୱଜିତ ସାହୁଙ୍କ ମାର୍ଗ ଦର୍ଶନରେ ପରିଚାଳିତ ହୋଇଥିଲା। ସ୍ୱାଧୀନତା ଦିବସ ପାଳନ ଅବସରରେ ଅଧ୍ୟକ୍ଷା ରଞ୍ଜିତା ନାୟକଙ୍କ ସଭାପତିତ୍ୱ ତଥା ସମସ୍ତ ଛାତ୍ରୀ ଓ କର୍ମଚାରୀଙ୍କ ଗହଣରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏତଦ୍‌ବ୍ୟତୀତ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ ଯାଇଥିଲା।

**ବରପାଲି:** ବରପାଲି କଲେଜ ପରିସରରେ 'ଇନୋଭେସନ ଆଣ୍ଡ ଷ୍ଟାର୍ଟଅପ୍' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ପରୀକ୍ଷକ ଭାବେ ବ୍ୟବସାୟୀ ନରେନ୍ଦ୍ର ଅଗ୍ରୱାଲ ସମସ୍ତ ପ୍ରତିଯୋଗୀ ମାନଙ୍କ ପ୍ରସ୍ତାବ ଗୁଡିକୁ ଅନୁଧ୍ୟାନ କରିଥିଲେ। ଶ୍ରେଷ୍ଠ ୩ଟି ପ୍ରସ୍ତାବକୁ ଚୟନ ପ୍ରକ୍ରିୟାରେ ସାମିଲ କରିଥିଲେ। ଚୟନ ହୋଇଥିବା ପ୍ରସ୍ତାବ ମାନଙ୍କ ମଧ୍ୟରେ ରାଜଶେଖର ବଗାର, ରାଜା ବାରିକ ଏବଂ ଅଙ୍କିତ ପଟେଲଙ୍କ ମଡେଲ ରହିଥିଲା। ଏହି ଅବସରରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ଅର୍ଥ ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା।



ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଜୟନ୍ତୀ ଦାଶ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଉତ୍ତର ଗଡତିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ସୁଶୀଲ ଶତପଥୀ, ଅଧ୍ୟାପକ ଧୀରୋଜ ତ୍ରିପାଠୀ, ଡ.ଭଗବାନ ମହାନନ୍ଦ, ଡ.ନୀଲମ ଦେବତା, ଡ.ବିଶ୍ୱନାଥ ସାହୁ, ଡ.ସମ୍ବିତା ପ୍ରଧାନ, ନତାଶା ସିକନ୍ଦର ପ୍ରମୁଖ ପ୍ରସ୍ତାବ ସମ୍ପର୍କିତ ପ୍ରସ୍ତୁତି ପାଇଁ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ଡ. ଭଗବାନ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

**ପାଇକମାଳ:** ପାଇକମାଳ ବ୍ଲକ୍ ମାଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ 'ଇନୋଭେସନ ଆଣ୍ଡ ଷ୍ଟାର୍ଟଅପ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷା ବିଭାଗ ଅଧ୍ୟାପକ ପୁଷ୍ପକାନ୍ତ ସାହୁ ଇନୋଭେସନ୍ ସମ୍ପର୍କରେ ବକ୍ତବ୍ୟ ରଖିଥିବା ବେଳେ ଇତିହାସ ବିଭାଗର ଅଧ୍ୟାପକ ସୁମିତାବ ନାୟକ ଷ୍ଟାର୍ଟ ଅପ୍ ସମ୍ପର୍କରେ ଆଲୋଚନା କରିଥିଲେ। କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଶ୍ରଦ୍ଧେୟ ଛାତ୍ରଛାତ୍ରୀ, ରୋହିତ ପ୍ରଧାନ, ଗୁରୁ ଚରଣ ବଣ୍ଡା, ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିବା ବେଳେ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା ଧନ୍ୟବାଦ ଦେଇଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ସଙ୍କୁଳସ୍ତରୀୟ ବିଜ୍ଞାନମେଳା

ଭଟଲି,୨୦।୮ (ସମିସ): ବରଗଡ଼ ଜିଲ୍ଲା ଅଧୀନ ଭଟଲିରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳ ସ୍ତରୀୟ ବିଜ୍ଞାନ ମେଳା ପ୍ରଧାନଆଚାର୍ଯ୍ୟ ତଥା ସଙ୍କୁଳ ସଂଯୋଜକ ଅକ୍ଷୟ ପୂଜାହାରିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଶୋକ ତନସନା ଯୋଗ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଆନନ୍ଦ ସାହୁ, ବନ୍ଦିତା ପଧାନ, ଘନଶ୍ୟାମ ପଣ୍ଡା, ଭୁବନ ମୋହନ ମହାନ୍ତି, ମୁକେଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଭଟଲି ସଙ୍କୁଳ ଅଧୀନ କର୍ଲାପୁରୀ, ଉର୍ଦ୍ଦୁନା, ଅମ୍ବାଭୋନା, ଭୁକ୍ତା ତଥା ଡୁଙ୍ଗୁରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୪୦ ଜଣ ଛାତ୍ରଛାତ୍ରୀ ସେମାନଙ୍କର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଜ୍ଞାନମେଳାରେ ବିଜ୍ଞାନ, ଗଣିତ, ସଂସ୍କୃତି ଜ୍ଞାନ, ପ୍ରଶ୍ନ ମଞ୍ଚ, ପତ୍ରବାଚନ ଆଦି ଅନେକ ସ୍ଥାନ ପାଇଥିଲା। କାର୍ଯ୍ୟକ୍ରମରେ ଭଟଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା, ସେବକ ସେବିକା ମାନେ ସହଯୋଗ କରିଥିଲେ। ଉଦ୍‌ଯାପନୀ ସମାରୋହରେ ବିଦ୍ୟାଭାରତୀ ଶିକ୍ଷା ସଂସ୍ଥାନ ପୂର୍ବ କ୍ଷେତ୍ର ସେବା ପ୍ରମୁଖ ଶ୍ରୀରାମଚନ୍ଦ୍ର ତନସନା ମୁଖ୍ୟ ଅତିଥି, ସଙ୍କୁଳ ପ୍ରମୁଖ ଆନନ୍ଦ ସାହୁ, କୋଷାଧ୍ୟକ୍ଷ ଲିଙ୍ଗରାଜ ବାରିକ, ଆଦିତ୍ୟ ମେହେର, ସୋମନାଥ ସାହୁ, ମନୋଜ ପଟେଲ, ବିଶ୍ୱମ୍ବର ସାହୁ, ଅଜିତ ଖମାରୀ, ନିଲମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

କୃତୀ ପ୍ରତିଯୋଗୀ ମାନଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ସହ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଛାତ୍ର ଆୟୁଷ୍ମନ୍ତ ପୁରୋହିତ ନିଟ ପରୀକ୍ଷାରେ ଉନ୍ନିତ ହୋଇଥିବାରୁ ତାଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପରେ ସୋମନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ନୂଆଁଖାଇ ଭେଟ୍ ଫୁଟବଲ୍ ପ୍ରତିଯୋଗିତା

# ଚତୁର୍ଥ ଦିବସରେ ରାମପୁର ଦଳ ବିଜୟୀ



ଝାରସୁଗୁଡ଼ା,୨୦।୮ (ସମିସ)

ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ରାଜପୁର ପଞ୍ଚାୟତ ଅଧୀନସ୍ଥ କଟାପାଲି ଖେଳ ପଡ଼ିଆରେ ଗଣପତି କ୍ଲବ୍ ଦ୍ୱାରା ଚାଲିଥିବା ୩୦ ତମ ମାଁ ସମଲେଇ ନୂଆଁଖାଇ ଭେଟ୍‌ଘାଟ୍ ଫୁଟବଲ୍ ପ୍ରତିଯୋଗିତାରେ ବୁଧବାର ଚତୁର୍ଥ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ଗଣପତି କ୍ଲବ୍‌ର ସଭାପତି ଈଶ୍ୱର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଆଜି ଚତୁର୍ଥ ଦିନରେ ମୁଖ୍ୟ ଅତିଥି ଭାବେ ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ସାନଘୁମୁଡା ପୂର୍ବତନ ସରପଞ୍ଚ ବୁଦ୍ଧଦେବ ଭୋଇ, ସମାଜସେବୀ ଗୋପାଳ ସାହୁ, ପ୍ରସନ୍ନ ପ୍ରଧାନ, ପୂର୍ବତନ ଫୁଟବଲ୍ ଖେଳାଳି ସଞ୍ଜୀବ ଘୋଷ, ପୂର୍ବତନ ଫୁଟବଲ୍ ଖେଳାଳି ପୁରନ୍ଦର ଭୋଇ, ରାଧାକାନ୍ତ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚତୁର୍ଥ ଦିବସ ଖେଳ ସନ୍ତୋଷି କ୍ଲବ୍ ରାମପୁର ଓ ଜେଇ ଏକାଦଶ ସୁନାପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାମପୁର ଦଳ ୬-୨ ଗୋଲରେ ବିଜୟୀ ହୋଇଥିଲା। ଭାଷ୍ୟକାର ଭାବେ ଅଶୋକ ବେହେରା ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ଖେଳ ପରିଚାଳନା ଡାକ୍ଟର ଓରାମ, ପଦ୍ମଲୋଚନ ଭଇଁଷା, ଅରୁଣ ପ୍ରଧାନ, ଅରୁଣ ମିର୍ଦ୍ଧା କରିଥିବା ବେଳେ ସୁଶାନ୍ତ ପଟେଲ ମ୍ୟାଚ୍ କମିଶନର ଥିଲେ। ୨୧ ତାରିଖ ଗୁରୁବାର ଦିନ ପ୍ରଥମ କ୍ୱାର୍ଟର ଫାଇନାଲ ବସୁନ୍ଧରା ୟୁଥ୍ କ୍ଲବ୍ ବିହାଯୋର୍, ସୁନ୍ଦରଗଡ ସହିତ ମାଁ ଅନ୍ଧାରୀ କ୍ଲବ୍ ଦେଉଳି, ସୁନ୍ଦରଗଡ ମଧ୍ୟରେ ଖେଳାଯିବ। ଆୟୋଜିତ ଖେଳରେ ଆୟୋଜକ ଗଣପତି କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିବା ବେଳେ ହଜାର ହଜାର ଫୁଟବଲ ପ୍ରେମୀ ଉପସ୍ଥିତ ଥିଲେ।

## ଆନ୍ତଃଜିଲ୍ଲା ପ୍ରତିଯୋଗିତା: ଝାରସୁଗୁଡ଼ା ଜିଲ୍ଲା କନିଷ୍ଠ ବାଳିକା ହକି ଦଳ ବିଜୟୀ



ଝାରସୁଗୁଡ଼ା,୨୦।୮ (ସମିସ): ଓଡ଼ିଶା ହକି ସଂଘ ଆନୁକୂଲ୍ୟରେ ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିଅମ ଓ ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲ ଠାରେ ଆନ୍ତଃଜିଲ୍ଲା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପ୍ରତିଯୋଗିତାରେ ବୁଧବାର ପାରା ମିଲିଟାରୀ ଜୟଜବାନ ସଂଘର କନିଷ୍ଠ ବାଳିକା ଦଳ ସହିତ ଝାରସୁଗୁଡ଼ା ଜିଲ୍ଲା କନିଷ୍ଠ ବାଳିକା ହକି ଦଳ ପ୍ରଥମେ ମ୍ୟାଚ୍ ଖେଳିଥିଲା। ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ଅମୀମାଂଶିତ ରହିବାରୁ ଟାଇ ବ୍ରେକର ପଦ୍ଧତିରେ ୪-୩ ଗୋଲରେ ଝାରସୁଗୁଡା ଦଳ ବିଜୟୀ ହୋଇଛି।

ବିଜୟୀ ଦଳକୁ ଜିଲ୍ଲା ହକି ସଂଘର ସଭାପତି ତଥା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ହକି ସଂଘର ସମ୍ପାଦକ ତଥା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ହକି ସଙ୍ଘର ଉପସଭାପତି ଜୀବନ ମହାନ୍ତି, ବିମଳ ତାଣ୍ଡି, ତୁଷାର କାନ୍ତି ମିଶ୍ର, ସୁଶାନ୍ତ ବେହେରା ଏବଂ ଜିଲ୍ଲା ହକି ସଙ୍ଘର ସମସ୍ତ କର୍ମକର୍ତ୍ତା, ଦଳର ଦଳପତି ବିଶିରୀ ବାରା, କୋଚ ଶକୁନ୍ଦ ନାୟକ, ପ୍ରଫୁଲ୍ଲ କୁଲୁ ଓ ମ୍ୟାନେଜର ଜିତେନ୍ଦ୍ର ମହନ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବରଗଡ଼ରେ ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ ଦାବିପତ୍ର

ବରଗଡ଼, ୨୦।୮ (ସମିସ)



ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଅଟେ। ରାଜ୍ୟର ପ୍ରାୟ ୭୦% ଲୋକ କୃଷିଜୀବୀ ଅଟନ୍ତି। ହେଲେ ପୁରୁଣା ପାରମ୍ପରିକ ଜ୍ଞାନକୌଶଳ କାରଣରୁ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି, ଚାହିଦା ମୁତାବକ କୃଷିଜାତ ଉତ୍ପାଦନ, ଜଳବାୟୁ ପରିବର୍ତ୍ତନ ଅନୁକୂଳ ଚାଷ, ସଂରକ୍ଷଣ ଏବଂ ପରିଚାଳନା ଗତ ତ୍ରୁଟି ଯୋଗୁଁ ଚାଷୀ ଅନେକ ଅସୁବିଧାର ସମ୍ମୁଖୀନ ହେବା ସହ ସେମାନଙ୍କୁ କ୍ଷତି ସହିବାକୁ ପଡୁଛି। ସେଥିପାଇଁ ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଆବଶ୍ୟକ ସର୍ବେକ୍ଷଣ ଏବଂ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ବରଗଡ଼ ଜିଲ୍ଲାରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯିବାକୁ ନେଇ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ବରଗଡ଼ ଜିଲ୍ଲା କେବଳ ଓଡ଼ିଶାରେ ନୁହେଁ ବରଂ ଦେଶରେ ଧାନ ଉତ୍ପାଦନ ପାଇଁ ବେଶ ଜଣାଶୁଣା ହୋଇଥିବା ବେଳେ ରାଜ୍ୟର ଭାତ ହାଣ୍ଡି ଭାବେ ସୁପରିଚିତ। ଏହି ଜିଲ୍ଲାର ପ୍ରାୟ ୭୦% ଲୋକ କୃଷି ଜୀବିକା ଉପରେ ନିର୍ଭର କରନ୍ତି ଏବଂ ଅଞ୍ଚଳର ଅର୍ଥନୀତି ମଧ୍ୟ କୃଷି ଭିତ୍ତିକ ଅଟେ। ବରଗଡ଼ ଜିଲ୍ଲା ଏସିଆର ସବୁଠାରୁ ବୃହତ ନଦୀବନ୍ଧ ହୀରାକୁଦ ଜଳଭଣ୍ଡାରରୁ ପ୍ରାୟ ୧ ଲକ୍ଷ ହେକ୍ଟର ଜମି ଜଳସେଚିତ ଏବଂ ଗଭୀର ନଳକୂପ ମାଧ୍ୟମରେ ଅଧିକାଂଶ ଜମି ପାଣି ପାଉଛି। ତେଣୁ ଖରିଫ ଋତୁରେ ଧାନ ଚାଷ ୨ ଲକ୍ଷ ୫୦ ହଜାର ହେକ୍ଟର, ୮୦ ହଜାର ହେକ୍ଟର ପନିପରିବା, ୩୩, ୫୯୬ ହେକ୍ଟର ଡାଲି ଜାତୀୟ, ପାମ ୬ ହଜାର ହେକ୍ଟର କପା ୭ ହଜାର ହେକ୍ଟର, ତେଲ, ଫଳ, ମସଲା ଜାତୀୟ ଚାଷ ହୋଇପାରୁଛି। କିନ୍ତୁ ଆଧୁନିକ ଜ୍ଞାନ କୌଶଳ ଅଭାବରୁ ଚାଷୀ ପାରମ୍ପରିକ ପଦ୍ଧତି ଉପରେ ନିର୍ଭରଶୀଳ ଥିବାରୁ ବାରମ୍ବାର କ୍ଷୟକ୍ଷତି, ଅଭାବି ବିକ୍ରି, ପ୍ରାକୃତିକ ଫସଲ ନଷ୍ଟର ଶିକାର ହେଉଛନ୍ତି। ଏଣୁ ବରଗଡ଼ ଜିଲ୍ଲାରେ ବିଶ୍ୱସ୍ତରୀୟ କୃଷି ବିଶ୍ୱବିଦ୍ୟାଳୟ ହେଲେ ଚାଷୀଙ୍କୁ ପ୍ରଶିକ୍ଷଣ, ଗୁଣବତ୍ତା ଓ କୃଷି କ୍ଷେତ୍ର ସୁଧାର କ୍ଷେତ୍ରରେ ସହାୟତା ମିଳିବ। କୃଷିପ୍ରତି ଆଗ୍ରହ ଥିବା ଯୁବକ ଯୁବତୀ ମାନଙ୍କୁ ଶିକ୍ଷା ମିଳିବା ସହିତ ସେମାନେ ନିଯୁକ୍ତି ପାଇପାରିବେ। ଆବଶ୍ୟକ ମୁତାବକ ରାସାୟନିକ, ଜୈବିକ, ପାରମ୍ପରିକ ଏବଂ ଦେଶୀ ପଦ୍ଧତି ଚାଷ ଆଧାର ବୃଦ୍ଧି ପାଇବ। ଅଞ୍ଚଳବାସୀଙ୍କ ଚାଷପ୍ରତି ଆଗ୍ରହ ବୃଦ୍ଧି ହେବା ସହ ମାତ୍ରାଧିକ ରାସାୟନିକ ସାର କାରଣରୁ କ୍ୟାନ୍ସର ଭଳି ରୋଗରୁ ମୁକ୍ତିର ବାଟ ଫିଟିବ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର, ସୁରେଶ ନି, ମୂରଲୀ ଭୋଇଙ୍କ ସମେତ ବହୁ ଚାଷୀ ଭାଇ ଉପସ୍ଥିତ ଥିଲେ।

## ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ କପିଳମୁନୀର ପ୍ରତିଷ୍ଠା ଦିବସ

ପାଇକମାଳ, ୨୦।୮ (ସମିସ): ପାଇକମାଳ ବ୍ଲକ ନୃସିଂହନାଥ ସ୍ଥିତ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ କପିଳମୁନୀର ୪୧ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ୧୯୮୫ ଅଗଷ୍ଟ ୧୯ରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦକୁ ସ୍ୱାମୀ ସୋମବେଶ ପ୍ରତିଷ୍ଠା କରିଥିଲେ। ପରିଷଦର କେନ୍ଦ୍ରୀୟ ଉପଦେଷ୍ଟା ଭବାନୀଶଙ୍କର ହୋତା, ନୂତନ କେନ୍ଦ୍ରୀୟ ଆବାହକ ଜୟସିଂ ପୁଝାରୀ, କେନ୍ଦ୍ରୀୟ ଯୁଗ୍ମ ଆବାହକ ସ୍ନେହଲତା ଭୁଏ, ନୃସିଂହନାଥ ଆବାହକ ପ୍ରଦୀପ ମଲ୍ଲିକ, ହରିଶଙ୍କର ଆବାହକ ହରିଶ ଧରୁଆ, ଝାରବନ୍ଧ ଆବାହକ ସରୋଜ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବତନ ଆବାହକ ଡ.ଗୌତମ ବିଶ୍ୱାଳ ନୂତନ ଆବାହକଙ୍କୁ ପ୍ରେରଣା ଦେଇଥିଲେ। ସଭାରେ କପିଳମୁନୀ ଆଶ୍ରମର ସଭାପତି ଡାଇମଣ୍ଡ ଭୂଏ, ସମ୍ପାଦକ ସୁଧାଂଶୁ ଶେଖର ବାରିକ, ଶାନ୍ତନୁ ବୁଧିଆ, ବିରଞ୍ଚି ବରିହା, ଡ.ମନୋଜ ମେହେର, ବିକ୍ରମ ସରାଫ, ଧବଳେଶ୍ୱର ସାହୁ, ରବିନାରାୟଣ ସାହୁ, ନିର୍ମଳ ପଟେଲ, ଯୁଗେଶ୍ୱର ମାଝୀ, ଦଶରଥ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ଗିରୀଶ ତନସନା ପରିଚାଳନା କରିଥିବା ବେଳେ ସମ୍ମିଲ ମିଶ୍ର ଧନ୍ୟବାଦ ଦେଇଥିଲେ।

## ମାନସିକ ଚାପ ନିୟନ୍ତ୍ରଣ ଉପରେ ସ୍ୱତନ୍ତ୍ର କର୍ମଶାଳା

**ଅମ୍ବାଭୋନା, ୨୦।୮ (ସମିସ):** ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଧ୍ରୁବ ଚରଣ ସାଙ୍କ ସଭାପତିତ୍ୱରେ ମାନସିକ ଚାପ ନିୟନ୍ତ୍ରଣ ଉପରେ ଏକ ସ୍ୱତନ୍ତ୍ର କର୍ମଶାଳା ଅନୁଷ୍ଠିତ ହୋଇଛି। ବରଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ଜିଲ୍ଲା ସ୍ୱାସ୍ଥ୍ୟ ମୁଖ୍ୟ ଅଧିକାରୀ ଡ.କୁବେର ଚନ୍ଦ୍ର ମହନ୍ତଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ଡ.ବିଶ୍ୱଜିତ ଯୋଶୀଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳା ହୋଇଥିଲା। ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ବବୁନ ସାହୁ, ମନସ୍ତତ୍ତ୍ୱବିତ୍ ଯୋଶୋବନ୍ତ ରଣବୀର, ଅଧ୍ୟାପକ ଜଗଦିଶ ନାୟକ, କିଶନ ଅଗ୍ରୱାଲ, ବୀରମନ ପ୍ରଧାନ, ଚିନ୍ମୟ ପ୍ରଧାନ, ପ୍ରଶାନ୍ତ ସାହୁ, ସୁରଜ ପଟେଲ, ଫକିର ପଟେଲ, ଅଧ୍ୟାପିକା ସୁଜାତା ସା, ଦମୟନ୍ତୀ ହୋତା, ଅନୁପମା ପ୍ରଧାନ, ଦେବଙ୍କିତା ମେହେର, ସୁଧାରାନି ବେହେରା, ଲିପିକା ସାହୁ, ତରକାନ୍ତି ସାହୁ ଏବଂ ଛାତ୍ରଛାତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭାକୁ ଜୟନ୍ତ ବାରିକ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଜଗଦିଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ପେଞ୍ଚାକ ସିଲାଟ ପ୍ରତିଯୋଗିତାରେ ବରଗଡ଼ ଜିଲ୍ଲାର କୃତିତ୍ୱ



**ବରଗଡ଼, ୨୦।୮ (ସମିସ):** ଝାରସୁଗୁଡା ଠାରେ ୮ମ ରାଜ୍ୟସ୍ତରୀୟ ପେଞ୍ଚାକ ସିଲାଟ ପ୍ରତିଯୋଗିତା ଗତ ୧୬ ଓ ୧୭ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ମୋଟ ୩୬୦ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ବରଗଡ଼ ଜିଲ୍ଲାରୁ ୩୧ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବରଗଡ଼ ଜିଲ୍ଲାର ପ୍ରତିଯୋଗୀ ମାନେ ବିଭିନ୍ନ ବର୍ଗରେ ଭାଗ ନେଇ ୧୩ଟି ସ୍ୱର୍ଣ୍ଣ, ୬ଟି ରୋପ୍ୟ ଓ ୧୩ଟି କାଂସ୍ୟ ପଦକ ସହ ସର୍ବମୋଟ ୨୬ଟି ପଦକ ହାସଲ କରିଛନ୍ତି। ଚାମ୍ପିଅନସିପରେ ବରଗଡ଼ ପେଞ୍ଚାକ୍ ସିଲାଟ ଆସୋସିଏସନର ଏସ୍ ଲକ୍ଷ୍ୟ, ନିଖୋଲ ସାହୁ, ରୋହନ କାନ୍ଦ୍ରା, ଶିବାୟ କର, ଅଶ୍ମୀର ସିଂହ, ଇତିଶ୍ରୀ ନନ୍ଦା, ସ୍ୱର୍ଣା ବାରଦ, ଏନି ଏଲେକ୍ସା ଡୁଙ୍ଗଡୁଙ୍ଗ, ସୌମ୍ୟ ଶ୍ରୀମୟ ଶତପଥୀ, ଟି ନିର୍ବେଦିତା ଦାସ, ଅଦିତି ସିଂହ, ଅଲୋକ ମହାପାତ୍ର, ପ୍ରିଞ୍ଜାଲ ମେହେର ପ୍ରମୁଖ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି। ସେହିପରି ରୂପାଂଶା ଷଡଙ୍ଗୀ, ଭାବ୍ୟା ଅଦିତି ଷଡଙ୍ଗୀ, ଗୃତ୍ରିକ ସାହୁ, ଅନ୍ୱେଷା ଡୁଙ୍ଗଡୁଙ୍ଗ, ସରିତା ଦେହେରୀ, ପ୍ରିଞ୍ଜାଲ ମହାପାତ୍ର ପ୍ରମୁକ ରୋପ୍ୟ ପଦକ ଏବଂ ଏସ୍ ଲକ୍ଷ୍ୟ, ରୂପଂଶା ସାଦାଙ୍ଗୀ, ଭାବ୍ୟା ଅଦିତି ସାରଙ୍ଗୀ, ନିଖୋଲ ସାହୁ, ରୋହନ କାନ୍ଦ୍ରା, ଦିଶାନୁ ମେହେର, ସାନଭି ନାୟକ, ରିତିକା ଯୋଶୀ, କୁନାଲ ସାହୁ, ସର୍ବେଶ୍ୱର ସାହୁ, ଆଦିତି ସିଂହ, ଅଂଶ ମହାନା, ଟି ନିବେଦିତା ଦାସ ପ୍ରମୁଖ କାଂସ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗୀ ମାନଙ୍କ ସହିତ ବରଗଡ଼ ପେଞ୍ଚାକ ସିଲାଟ ଆସୋସିଏନର ସମ୍ପାଦକ ଆଶୁତୋଷ ନାୟକ, ରେଫରୀ ପ୍ରଦୀପ ମେହେର, ଆଦିତ୍ୟ ପ୍ରଧାନ, ମୁନା ବାରିକ ଓ ଆକାଶ କୁମ୍ଭାର ମଧ୍ୟ ଯାତ୍ରା କରିଥିଲେ। ପ୍ରତିଯୋଗୀ ମାନେ ଝାରସୁଗୁଡାରୁ ଟ୍ରେନ ଯୋଗେ ଫେରିଲା ପରେ ବରଗଡ଼ ରେଲୱେ ଷ୍ଟେସନ ଠାରେ ସେମାନଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମୟରେ ବହୁ ଅଭିଭାବକଙ୍କ ସହିତ ବରଗଡ଼ ଜିଲ୍ଲା ପେଞ୍ଚାକ ସିଲାଟ ଆସୋସିଏନର ସଭାପତି ପ୍ରିତମ୍ ବେହେରା, ଫ୍ଲୋରା ସ୍କୁଲର ପ୍ରିନ୍ସିପାଲ ଦୈତାରି ସେଠ୍ ଓ ଝସକେତନ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ

**ଝାରବନ୍ଧ, ୨୦।୮ (ସମିସ):** ଝାରବନ୍ଧ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଝାରବନ୍ଧର ଅବସରପ୍ରାପ୍ତ ଅଧ୍ୟକ୍ଷ ରଜନୀ ମହାନ୍ତି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ପ୍ରଫେସର ଡ.ପ୍ରମୋଦ ପାଢ଼ୀ ଏବଂ ସମ୍ମାନିତ ଅତିଥି ଭାବେ ଝାରବନ୍ଧ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ସାନନ୍ଦ ସାହୁ ଯୋଗ ଦେଇଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ରୀତାଞ୍ଜଳି ଗୁରୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ସାର୍ତ୍ତିକ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଝାରବନ୍ଧର ଅବସରପ୍ରାପ୍ତ କିରାଣୀ ବେଣୁଧର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଡ.ଖ୍ୟାତିମୟ ତ୍ରିପାଠୀଙ୍କ ନେତୃତ୍ୱରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଓଡ଼ିଆ ବିଭାଗ ଅଧ୍ୟାପକ ଡ.ରଶ୍ମୀରଞ୍ଜନ ମହାନ୍ତି, ଅର୍ଥନୀତି ଅଧ୍ୟାପକ ନବୀନ ମେହେର ଓ ଚନ୍ଦ୍ରମଣି ବାଗ, ଇଂରାଜୀ ଅଧ୍ୟାପକ ଗଗନ ବିହାରୀ ତନସନା ଓ ଅଧ୍ୟାପିକା ମିନପ୍ରଭା ପ୍ରଧାନ, ଇତିହାସ ଅଧ୍ୟାପକ ମୁକେଶ ବାଗ, ଶିକ୍ଷା ବିଭାଗ ଅଧ୍ୟାପିକା ପ୍ରତିଭା ଦାସ, କନିଷ୍ଠ କିରାଣୀ



ବଂଶୀଧର ସେଠୀ ଓ ବଲ୍ଲଭ ମିର୍ଦ୍ଧା, ଗ୍ରନ୍ଥାଗାରିକ ଅଶୋକ ହାତୀ, ତଥ୍ୟ ପ୍ରବେଶ ଅଧିକାରୀ ଅଞ୍ଜନ ବରିହା, ଗ୍ରନ୍ଥାଗାର ସହାୟକ ଦୁର୍ଯ୍ୟୋଧନ ପାଣ୍ଡେ, ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରକାଶ ପ୍ରଧାନ, ରୁକ୍ମଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମନୀଷା ଭୋଇ ଓ ମଦନ ବାଗ ତଥା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀ ତଥା ମହାବିଦ୍ୟାଳୟ ଅନ୍ୟାନ୍ୟ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ମହାବିଦ୍ୟାଳୟ ପରିସରର ଗଙ୍ଗାଧର ଉଦ୍ୟାନରେ ଅତିଥି ମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ଶେଷରେ ଶିକ୍ଷା ବିଭାଗ ଅଧ୍ୟାପିକା ଯାଜ୍ଞସେନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ବିଜେପୁର: ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତାଳପଦର ଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପଞ୍ଚାନନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ ବାରିପଦାର ଅବସରପ୍ରାପ୍ତ ପ୍ରଫେସର ଡ.ବଭ୍ରୁବାହାନ ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଉପେନ୍ଦ୍ର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓଡ଼ିଆ ଅଧ୍ୟାପିକା ଶୁଭଶ୍ରୀ ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟାପକ ଉମାକାନ୍ତ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଅକ୍ଷୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ବିୟୋଗରେ କଳାକାର ସଂଘ ପକ୍ଷରୁ ଶୋକ



**ବରଗଡ଼, ୨୦।୮ (ସମିସ):** ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପକ୍ଷରୁ ପଶ୍ଚିମ ଓଡ଼ିଶାର ଗର୍ବ ଗୌରବ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରାଯିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମହାସଂଘର ଅଧ୍ୟକ୍ଷ ଚୈତନ୍ୟ ପାଇକ, ଉପସଭାପତି ଭୁବନେଶ୍ୱର ପ୍ରଧାନ, ସଂଯୋଜକ ପ୍ରମୋଦ ଦାଶଙ୍କ ସମେତ ବହୁ ବରିଷ୍ଠ କନିଷ୍ଠ କଳାକାର ପ୍ରେସ ବାର୍ତ୍ତାରେ ପଦ୍ମଶ୍ରୀ ସ୍ୱର୍ଗତ ବିନୋଦ ପଶାୟତଙ୍କ ବିୟୋଗ କଳା ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଉଲ୍ଲେଖ କରିଛନ୍ତି। ଏହା ସହିତ ତାଙ୍କ ରଚିତ ଅନେକ ଲୋକଗୀତ ମଧ୍ୟରେ 'ଏ ନନୀ ସୁଲୋଚନା' ଲୋକପ୍ରିୟ ସମ୍ବଲପୁରୀ ଲୋକ ଗୀତ ଆଜି ବି ଅଗଣିତ ଶ୍ରୋତାଙ୍କ ହୃଦୟରେ ଅନୁରଣିତ ହୁଏ ବୋଲି ମତବ୍ୟକ୍ତ କରାଯାଇଛି। ମହାସଂଘ ପକ୍ଷରୁ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଛି।

## ନୂତନ ଶ୍ରେଣୀ କୋଠରୀ ଓ ଭୋଜନ ମଣ୍ଡପ ଉଦ୍‌ଘାଟିତ



**ପାଇକମାଳ, ୨୦।୮ (ସମିସ):** ପାଇକମାଳ ବ୍ଲକ ବାଦିକଟା ପଞ୍ଚାୟତ ସାପଲହର ମଧ ଇଂରାଜୀ ବିଦ୍ୟାଳୟରେ ଭୋଜନ ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଭୋଜନ ମଣ୍ଡପକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଶୋଭା ସାଗର ମେହେର କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ପାଇକମାଳ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ସମାଜସେବୀ ଟାଇଲ ଚନ୍ଦ୍ର ଭୋଇ, ବିଧାୟିକା ପ୍ରତିନିଧି ହୃଦାନନ୍ଦ ବାରିକ, ସରପଞ୍ଚ ସବିତା ସାହୁ, ସମିତି ସଭ୍ୟ ଦୁଷ୍ମନ୍ତ ପ୍ରଧାନ ଓ କ୍ଷିତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଘେଁସରା ଗାଁରେ ମଧ୍ୟ ନୂତନ ଅତିରିକ୍ତ ଶ୍ରେଣୀ କୋଠରୀ ବିଧାୟିକାଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଯାଇଛି। ଏଥିରେ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।

## ଲେଣ୍ଡା ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ଖେଳାଳି ଚୟନ

**ବରପାଲି, ୨୦।୮ (ସମିସ):** ବରପାଲି ବ୍ଲକସ୍ତରୀୟ ୧୭ ବର୍ଷୀୟ ବାଳକ ଓ ବାଳିକା ଫୁଟବଲ ଖେଳାଳି ଚୟନ ଲେଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବିଇଓ ମୁକୁନ୍ଦ ମାହାରା ଓ ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ ଯୋଗ ଦେଇଥିଲେ। ବ୍ଲକ ସମ୍ପାଦକ ମନୋଜ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ବ୍ଲକର ୩୦ଟି ସ୍କୁଲରୁ ୧୬୫ ଜଣ ବାଳକ ଓ ୩୨ ଜଣ ବାଳିକା ଭାଗ ନେଇଥିଲେ। କ୍ରୀଡା ଶିକ୍ଷକ ରାଜେନ୍ଦ୍ର ଭୋଇ, ଗୌରାଙ୍ଗ ପାଣ୍ଡେ, ଗୋବିନ୍ଦ ଭୋଇ, ଟିକେଶ୍ୱର ଭୋଇ, ସୁଦାମ ପଧାନ, ସମୀର ପାଣିଗ୍ରାହୀ, ଖେଳ ପରିଚାଳନା କରିଥିଲେ। ବ୍ଲକ ସ୍ତରରୁ ମନୋନୀତ ହୋଇ ଖେଳାଳି ମାନେ ଜିଲ୍ଲା ସ୍ତରରେ ଯୋଗ ଦେବେ ବୋଲି ବିଇଓ ଉତ୍ସାହିତ କରିଥିଲେ। ଚଳିତ ବର୍ଷ ଜିଲ୍ଲାସ୍ତରୀୟ ଫୁଟବଲ ଚାମ୍ପିଅନସିପ ବରପାଲି ବ୍ଲକରେ ହେବା ପାଇଁ ସ୍ୱୀକୃତି ମିଳିଛି।

## କେନ୍ଦୁମାଲ ଗାଁରେ ରୋଜଗାର ଦିବସ

**ଗାଇସିଲେଟ, ୨୦।୮ (ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ପଞ୍ଚାୟତ କେନ୍ଦୁମାଲ ଗାଁର ଖେଳ ପଡ଼ିଆରେ ରୋଜଗାର ଦିବସ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅର୍ପିତା ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏପିଓ କେତନ ପଧାନ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଏସିପି ରାଜେନ୍ଦ୍ର ପଣ୍ଡା, ପିଇଓ କାର୍ତ୍ତିକେଶ୍ୱର ବେହେରା, ଗାଁ ରୋଜଗାର ସେବକ ରୀନା ପାଣ୍ଡେ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟେକ ଅଣକୁଶଳୀ ଶ୍ରମିକମାନଙ୍କୁ କାର୍ଯ୍ୟ ଯୋଗାଇ ଦେବା ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସଭାରେ ଇଚ୍ଛୁକ ଥିବା ଅଣକୁଶଳୀ ଶ୍ରମିକମାନଙ୍କୁ କାର୍ଯ୍ୟ ପାଇଁ ଆବେଦନ କରିବା ସୁଯୋଗ ଦେବା ସହିତ ମହଜୁଦ ଥିବା ପ୍ରକଳ୍ପ ବିଷୟରେ ଅବଗତ କରିବା ସହ ବିଭିନ୍ନ ଆପତ୍ତି ଅଭିଯୋଗର ସମାଧାନ ମଧ୍ୟ କରାଯାଇଥିଲା। ଦାଦନ ନ ଯାଇ ଗାଁରେ ରହି କାମ କରିବା ପାଇଁ ଶ୍ରମିକମାନଙ୍କୁ ଏପିଓ ପଧାନ ପରାମର୍ଶ ଦେଇଥିଲେ। ତେବେ ସରପଞ୍ଚ ଅର୍ପିତା ପଣ୍ଡା ନିଜ ପଞ୍ଚାୟତ ଅଧୀନରେ ଥିବା ୮ଟି ଗାଁର ଶ୍ରମିକ ମାନେ କିଭଳି ଅଧିକରୁ ଅଧିକ କାମ ପାଇ ପାରିବେ ଏବଂ ବ୍ୟକ୍ତିଗତ ସ୍ତରରେ ମନରେଗା ଯୋଜନାରେ କାମ କରୁଥିବା ସମସ୍ତ ଶ୍ରମିକ ମାନଙ୍କୁ ଗାଈ ଗୁହାଳ, ଛେଳି ଗୁହାଳ, ଫାର୍ମ ପଣ୍ଡ, ଜମି ମରାମତି ଆଦି କାର୍ଯ୍ୟ ଯୋଗାଇଦେବା ପାଇଁ ଏପିଓଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ମେଟ ସରୋଜ ମିଶ୍ର, ହେମାସାଗର ବଢ଼େଇ, ସାବିତ୍ରୀ ସାହୁ ଗାଁର ପ୍ରାୟ ଶତାଧିକ ଶ୍ରମିକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସମାରୁ ସାହୁ ପରିଚାଳନା କରିଥିଲେ। ଶେଷରେ ନାଏବ ସରପଞ୍ଚ ଉପେନ୍ଦ୍ର ବିଭାର ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କୁଲ ଛାତ ଉପରୁ ୩୩ କେଭି ବିଦ୍ୟୁତ୍ ତାର ହଟିଲା





ସକାଳ THE SAKALA
Sambalpur - 27 Feb 2025 - Page 11

ବିପଦକୁ ଡାକୁଛି : ସ୍କୁଲ ଛାତ ଉପରେ ୩୩ କେଭି ବିଦ୍ୟୁତ୍ ତାର

ମାଣ୍ଡୋସିଲ, ୨୬।୨ (ସମିସ): ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ଚେରେଙ୍ଗାଝାଞ୍ଜି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ କୋଠରୀ ଛାତ ଉପରେ ୩୩ କେଭି ବିଦ୍ୟୁତ୍ ତାର ଯାଇଥିବାରୁ ତାହା ନୂତନ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ବାଧା ସୃଷ୍ଟି ହେଉଛି। ନିକଟରେ ବଡ଼ବଡ଼ ଗଛଥିବାରୁ ଯଦି ପବନ ଆସେ ଦୁର୍ଭାଗ୍ୟବଶତଃ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଦୁର୍ଘଟଣା ଘଟିବାର ସମ୍ଭାବନା ଅଧିକ ରହିଛି। ଏନେଇ ବିଦ୍ୟୁତ୍ ବିଭାଗ ଆସୁଆ ସତର୍କ ରହି ୩୩କେଭି ତାରକୁ ରାସ୍ତାକଡ଼କୁ ସ୍ଥାନାନ୍ତରିତ କରିବା ପାଇଁ ସ୍କୁଲ ପରିଚାଳନା ତଥା ଗ୍ରାମବାସୀମାନେ ଦାବି କରିଛନ୍ତି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟିଦେଇ ତୁରନ୍ତ ସ୍ଥାନାନ୍ତରିତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

**ପାଇକମାଳ, ୨୦।୮ (ସମିସ):** ଗତ ଫେବୃଆରୀ ୨୭ ତାରିଖରେ ଦୈନିକ 'ସକାଳ' ଖବରକାଗଜରେ 'ବିପଦକୁ ଡାକୁଛି: ସ୍କୁଲ ଛାତ ଉପରେ ୩୩ କେଭି ବିଦ୍ୟୁତ୍ ତାର' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏନେଇ ବିଦ୍ୟୁତ୍ ବିଭାଗ ତତ୍ପରତା ଦେଖାଇ ସ୍କୁଲ ଛାତ ଉପରୁ ୩୩ କେଭି ବିଦ୍ୟୁତ୍ ତାର ହଟାଇଛି। ସୂଚନାଯୋଗ୍ୟ, ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ଚେରେଙ୍ଗାଝାଞ୍ଜି ସରକାର ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ କୋଠରୀ ଛାତ ଉପରେ ୩୩ କେଭି ବିଦ୍ୟୁତ୍ ତାର ଯାଇଥିବାରୁ ତାହା ନୂତନ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ବାଧା ସୃଷ୍ଟି ହୋଇଥିଲା। ନିକଟରେ ବଡ଼ ବଡ଼ ଗଛ ଥିବାରୁ ପବନ ବେଳେ ଦୁର୍ଭାଗ୍ୟବଶତଃ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବାର ସମ୍ଭାବନା ରହିଥିଲା। ଏନେଇ ବିଦ୍ୟୁତ୍ ବିଭାଗ ତତ୍ପରତା ଦେଖାଇ ବିଦ୍ୟୁତ୍ ତାର ହଟାଇବାରୁ ଗାଁବାସୀ ଧନ୍ୟବାଦ ଜଣାଇଛନ୍ତି।

## ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ୭ ଯୁବକ କୋର୍ଟଚାଲାଣ

**ଭେଡେନ, ୨୦।୮ (ସମିସ):** ଭେଡେନ ଥାନା ଅଧୀନ ଜଣେ ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବାରୁ ୭ଜଣ ଯୁବକଙ୍କୁ ଭେଡେନ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ନାବାଳିକାଙ୍କ ସହିତ ମୁଖ୍ୟ ଅଭିଯୁକ୍ତ ପପଙ୍ଗା ପଞ୍ଚାୟତ ସ୍ଥିତ ବଡପିପିଲି ଗାଁର ବସନ୍ତ ପଟେଲ(୨୪)ଙ୍କ ପ୍ରେମ ସମ୍ପର୍କ ଥିଲା। ପରେ ସେହି ସମ୍ପର୍କରେ ତିକ୍ତତା ହେବାରୁ ବସନ୍ତ ପଟେଲ ତା ପାଖରେ ରଖିଥିବା ନାବାଳିକାଙ୍କ ଅଶ୍ଳୀଳ ଫଟୋକୁ ତାର ସାଙ୍ଗ ମାନକୁ ପଠାଇ ଭାଇରାଲ କରିଥିଲା। ଏ ସମ୍ପର୍କରେ ନାବାଳିକା ଜାଣିବା ପରେ ଭେଡେନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଭେଡେନ ପୁଲିସ ମୁଖ୍ୟ ଅଭିଯୁକ୍ତ ବସନ୍ତ ପଟେଲକୁ ଗିରଫ କରିବା ସହିତ ଫଟୋ ଭାଇରାଲ କରିଥିବା ପୁଡାପାଲି ଗାଁର ସମସ୍ତ ଯୁବକ ଛବିଲ ମେଲ୍ଲି(୨୩), ଜୀବର୍ଧନ ବେହେରା(୨୪), ପ୍ରକାଶ ପଧାନ(୨୪), ସୁବ୍ରତ ପଧାନ(୨୬), ତୋଷବନ୍ତ ପଧାନ(୨୬), ପ୍ରଫୁଲ୍ଲ ବେହେରା (୨୩)କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଡୁଙ୍ଗୁରିପାଲି ସାପ୍ତାହିକ ବଜାରର ଦୂରବସ୍ଥା

ଝାରବନ୍ଧ, ୨୦।୮ (ସମିସ)



ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଲୌଡିଦର୍ହା ପଞ୍ଚାୟତ ଅଧୀନ ଡୁଙ୍ଗୁରିପାଲି ଗାଁରେ ପ୍ରତି ସୋମବାର ଦିନ ସାପ୍ତାହିକ ବଜାର ବସେ। ଏହି ବଜାର ଓଡ଼ିଶା ଛତିଶଗଡ଼ର ବ୍ୟବସାୟ ପେଣ୍ଠ ଭାବେ ପରିଚିତ। ମାତ୍ର ବଜାର ପ୍ରାଙ୍ଗଣରେ ବର୍ଷା ପାଣି ଜମା ହୋଇ କାଦୁଅ ହେବା ଦ୍ୱାରା ଜନସାଧାରଣ ନାହିଁ ନଥିବା ଅସୁବିଧା ଭୋଗୁଥିବା ଅଭିଯୋଗ କରିଛନ୍ତି। ଦୀର୍ଘ ବର୍ଷ ଧରି ବଜାରରେ ପଞ୍ଚାୟତ ତରଫରୁ କୌଣସି ଉନ୍ନତି କରଣ କାର୍ଯ୍ୟ ହାତକୁ ନିଆଯାଉ ନାହିଁ। ପ୍ରତି ସପ୍ତାହରେ ବ୍ୟବସାୟୀଙ୍କଠୁ ଦାନଗାଦୀ ଟଙ୍କା ଆଦାୟ କରୁଛନ୍ତି। ହେଲେ ବଜାରର ଅବସ୍ଥାରେ କୌଣସି ସୁଧାର ହେଉନାହିଁ। ଏପରି ଅବସ୍ଥାରେ ପଡୋଶୀ ଗାଁ ଗୁଡିକର ଜନସାଧାରଣ ବିକଳ୍ପ ଖୋଜୁଥିବା ଚର୍ଚ୍ଚା ହେଉଛି। ଡୁଙ୍ଗୁରିପାଲି ବଜାର ହେଉଛି ଏହି ଅଞ୍ଚଳର ଜୀବନରେଖା। ବଜାର ପ୍ରାଙ୍ଗଣରେ ହୋଇଥିବା ସମସ୍ୟାର ସମାଧାନ ପାଇଁ ପଞ୍ଚାୟତ ତରଫରୁ ପ୍ରସ୍ତାବ ହୋଇଛି। ଯଥାଶୀଘ୍ର ଫାଇଲ୍ ଖୋଲି କାର୍ଯ୍ୟ ଆରମ୍ଭ ହେବ ବୋଲି ସରପଞ୍ଚ ପ୍ରତିନିଧି ଏବଂ ପିଇଓ ସୂଚନା ଦେଇଛନ୍ତି।

## ଜିଲ୍ଲା ପ୍ରତି ନୂତନ ସରକାରର ଅବହେଳା ଦର୍ଶାଇଲେ ରୋହିତ

# ଥୁକ୍ ପାଲିସ କାମରେ ବିତିଗଲା ୧୪ ମାସ

ସମ୍ବଲପୁର,୨୦।୮ (ସମିସ)



ନୂତନ ସରକାର କ୍ଷମତାକୁ ଆସିବାରେ ୧୪ ମାସ ବିତିଗଲା। ହେଲେ ଇତି ମଧ୍ୟରେ ସମ୍ବଲପୁର ଜିଲ୍ଲା ବିକାଶ ପ୍ରତି କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ସମ୍ବଲପୁରରେ ମୌଳିକ ସେବା ଯୋଗାଇବା ଭୁଶୁଡ଼ି ପଡ଼ିଛି, ଖାଲି ଥୁକ୍ ପାଲିସ୍ କାମ ଚାଲିଛି, ଯେମିତି କି ଜୁହାର ଷ୍ଟ୍ରକଚର ନିର୍ମାଣ ହେଉ ଅବା ପ୍ରବେଶ ଦ୍ୱାରା ନିର୍ମାଣ ଏବଂ ଅନ୍ୟାନ୍ୟ ସୌନ୍ଦର୍ଯ୍ୟକରଣ କାମ କରି ବିକାଶ କରୁଥିବା କହୁଛନ୍ତି। ୧୪ ମାସ ଭିତରେ ଏ ସରକାର ଓ ସମ୍ବଲପୁର ବିଧାୟକଙ୍କ ଅବହେଳା ଦର୍ଶାଇଛନ୍ତି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ପାନୀୟ ଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ନାଳି ନର୍ଦ୍ଦମା ପରିସ୍ଥିତି ଠିକ୍ ନାହିଁ, ରାସ୍ତାଘାଟର ସମସ୍ୟା ରହିଛି, ଅଳିଆ ଆବର୍ଜନାର ସୁପରିଚାଳନା ହେଉନାହିଁ। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛତା ର୍ୟାଙ୍କରେ ସମ୍ବଲପୁର ବହୁ ତଳେ ରହିଛି ଏବଂ ଆବର୍ଜନା ସହର ଭାବରେ ପରିଚୟ ପାଇଲାଣି। ସମ୍ବଲପୁର କ୍ରାଇମ୍ କ୍ୟାପିଟାଲରେ ପରିଣତ ହେଲାଣି, ସଟ୍ଟା, କରେକ୍ସ, ଟାବଲେଟ୍ ଆଦି କାରବାର ବୃଦ୍ଧି ପାଇବା ଯୋଗୁଁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇ ଗୁଣ୍ଡାଗର୍ଦ୍ଦି, ହତ୍ୟା ଏବଂ ଅନ୍ୟାନ୍ୟ ଅନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ହାଇକୋର୍ଟ ବେଞ୍ଚ ସ୍ଥାପନ ଏବଂ ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା କଥା ବାରମ୍ବାର ଦାବି ସତ୍ତ୍ୱେ ସ୍ଥାନୀୟ ପ୍ରତିନିଧି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଅଞ୍ଚଳର କଳକାରଖାନାମାନଙ୍କ ବେପରୁଆ ନୀତି ଜନସାଧାରଣଙ୍କ ରୋଜଗାର ଏବଂ ସ୍ୱାସ୍ଥ୍ୟ ପାଇଁ ସଙ୍କଟ ହେବାରେ ଲାଗିଛି। ନୂଆ ସରକାର ଆସିବା ପରେ ଅଞ୍ଚଳରେ ଶିଳ୍ପନୁଷ୍ଠାନରେ ବାହାର ରାଜ୍ୟର ଠିକା ସଂସ୍ଥାମାନଙ୍କୁ ନିଯୁକ୍ତି କରାଯାଉଛି। ଯାହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଯୁବକ ଯୁବତୀଙ୍କ ବେରୋଜଗାର ହେଉଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କୁ ନିଯୁକ୍ତି କରିବାକୁ ଦାବି କରିଛନ୍ତି। ଶିଳ୍ପଗୁଡ଼ିକର ପାଉଁଶ ପରିଚାଳନା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡର ରିପୋର୍ଟ ଅନୁଯାୟୀ ସମ୍ବଲପୁର ତଥା ଝାରସୁଗୁଡ଼ା ଶିଳ୍ପାଞ୍ଚଳରେ ଭୂତଳ ଜଳରେ ନିର୍ଦ୍ଦିଷ୍ଟ ମାତ୍ରା ଠାରୁ ଅଧିକ ଫ୍ଲୋରାଇଡ୍, ସଲଫେଟ୍, କ୍ଲୋରାଇଡ୍ ଆଦି ରହୁଛି। ସରକାର କିମ୍ବା ପ୍ରଶାସନ ଏହି ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି।

ବିଗତ ୧୪ ମାସ ଭିତରେ ନୂତନ ସରକାର କମ୍ପାନୀରୁ ନିର୍ଗତ ପାଉଁଶ ପରିଚାଳନା କରିବାରେ ବିଫଳ ସାଜିଛନ୍ତି। ଏପରିକି ଶିଳ୍ପଗୁଡ଼ିକର ପାଉଁଶ ପରିଚାଳନା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଜିଲ୍ଲା ବାହାର ଅନେକ କମ୍ପାନୀ ନିଜର ପାଉଁଶ ପକାଇବା ପାଇଁ ସମ୍ବଲପୁର ଜିଲ୍ଲାକୁ ଚୟନ କରିଥିବା ଜିଲ୍ଲା ସଭାପତି ଶ୍ରୀ ରୋହିତ ପୂଜାରୀ କହିଛନ୍ତି। ବର୍ତ୍ତମାନ ସମ୍ବଲପୁର ଡମ୍ପିଂ ୟାର୍ଡ ଭାବେ ପରିଣତ ହୋଇଛି। ଜନବସତି ଠାରୁ ଆରମ୍ଭ କରି ଜଙ୍ଗଲ ଜମି ସବୁଠି ପକାଉଛନ୍ତି। ବିଭିନ୍ନ ସମୟରେ ବେଆଇନ ଆସ ବୋହା ଗାଡ଼ି ମଧ୍ୟ ପୁଲିସ ଜବତ କରିଛି। ସଂରକ୍ଷିତ ଜଙ୍ଗଲ, ଜଳାଶୟ, ଚାଷ ଜମି କିଛି ବି ଜାଗାକୁ ଛାଡ଼ୁନାହାନ୍ତି। ପାଉଁଶ ଓଭର ଲୋଡିଂ ହୋଇ ପରିବହନ ହେଉଛି, ଯେଉଁଟା କି ଆଇନ ସଂଗତ ନୁହେଁ। ମାଲ୍ ପରିବହନ ପାଇଁ ସ୍ୱତନ୍ତ୍ର କରିଡ଼ର ନିର୍ମାଣ କରାଯାଉ ବୋଲି ଶ୍ରୀ ପୂଜାରୀ ଦାବି କରିଛନ୍ତି।

ସରକାର ଏବଂ ପ୍ରଶାସନ ପକ୍ଷରୁ ଯଦି ତୁରନ୍ତ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ବିଜୁ ଜନତା ଦଳ ସମସ୍ତ ପ୍ରକାର ଲଢ଼େଇ କରିବା ବୋଲି ଚେତାବନୀ ଦେଇଛି। ବରିଷ୍ଠ ବିଜେଡ଼ି ନେତା ବେଣୁଧର ଦାସ, ପୂର୍ବତନ ଜିଲ୍ଲା ବିଜେଡି ସଭାପତି ଆର୍ତ୍ତତ୍ରାଣ ମିଶ୍ର, ମହମ୍ମଦ ସନାଉଲ୍ଲା ସୁରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

**● ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି, ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା**

**● ପିଇବା ପାଣି, ବିଦ୍ୟୁତ୍ ସେବା, ସ୍ୱଚ୍ଛତା ପରିଚାଳନାରେ ଫେଲ**

## ବେଆଇନ୍ ବାଲି ବୋଝେଇ ଟ୍ରାକ୍ଟର ଅଟକ

କୁଚିଣ୍ଡା,୨୦।୮ (ସମିସ): କୁଚିଣ୍ଡା ତହସିଲ ଅଞ୍ଚଳରୁ ଗତ ଦୁଇ ଦିନ ତଳେ ଟ୍ରାକ୍ଟରରେ ବଲି ଭର୍ତ୍ତି କରି ଚାଲାଣ କରୁଥିବା ବେଳେ ରାଜସ୍ୱ ବିଭାଗର ଅଧିକାରୀଙ୍କ ହାବୁଡ଼ରେ ପଡ଼ିଥିଲା ୫ଟି ବାଲି ଓ ମାଙ୍କଡ଼ା ପଥର ବୋଝିଇ ଟ୍ରାକ୍ଟର। ରାଜସ୍ୱ ବିଭାଗର ଅଧିକାରୀ ,କର୍ମଚାରୀମାନେ ଉକ୍ତ ବାଲି ଓ ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଗୁଡିକୁ ଠିକ ଭାବେ ତନଖି କରିବା ପରେ କୁଚିଣ୍ଡା ଥାନାକୁ ଆଣି ଥାନା ଅଧିକାରୀଙ୍କୁ ଜିମା ଦେଇଥିଲେ। ହେଲେ ଉକ୍ତ ଟ୍ରାକ୍ଟରର ଡ୍ରାଇଭରଙ୍କୁ କାହାରିକୁ ଅଟକ ରଖା ଯାଇନଥିବା ଦେଖିବାକୁ ମିଳିଥିଲା। ନିୟମନୁସାରେ ଟ୍ରାକ୍ଟରକୁ ଅଟକ ରଖିବା ସହ ଡ୍ରାଇଭରକୁ କୋର୍ଟ ଚାଲାଣ କରାଯିବ କଥା ହେଲେ ତାର ବ୍ୟତିକ୍ରମ ଦେଖାଯାଇଛି। ଗତ ମଙ୍ଗଳବାର ଦିନ ଖଣି ବିଭାଗର ଅଧିକାରୀ ପହଁଞ୍ଚି ଚୋରି ଖଣିଜ ସମ୍ପଦ ମାଙ୍କଡ଼ା ପଥର ଓ ବାଲିର ଉପଯୁକ୍ତ ଜରିମାନାର ମୂଲ୍ୟ ଧାର୍ଯ୍ୟ କରି ,ଜରିମାନା ଉକ୍ତ ଟ୍ରାକ୍ଟର ମାଲିକଙ୍କ ଠାରୁ ଅସୁଲ କରିବାକୁ କୁଚିଣ୍ଡା ଥାନାକୁ ଦାୟିତ୍ୱ ଦେଇ ଫେରି ଫେରିଯାଇଥିବା ଜଣାପଡିଛି। କିନ୍ତୁ ଉକ୍ତ ବାଲି ଚୋରା ଚାଲାଣ କରୁଥିବା ଟ୍ରାକ୍ଟର ଗୁଡିକୁ ଅଟକ ଥିବା ଜଣାପଡିଛି।



## ଆକାଉଣ୍ଟରୁ ୩ ଲକ୍ଷ ୨୯ ହଜାର ଟଙ୍କା ଗାଏବ

ସମ୍ବଲପୁର,୨୦।୮ (ସମିସ): ସମ୍ବଲପୁର ହୀରାକୁଦ ଅଞ୍ଚଳରୁ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଆକାଉଣ୍ଟ ଚେକ୍ କଲାବେଳକୁ ଟଙ୍କା ନାହି। ଜଣେ ଗ୍ରାହକ କିଛି ଜାଣିବା ପୂର୍ବରୁ ବ୍ୟାଙ୍କ ଖାତାରୁ ଟଙ୍କା ଖାଲି ହେଇଯାଉଛି। ଏପରି ଏକ ଘଟଣା ଘଟିଛି ହୀରାକୁଦ ମାର୍କେଟର ଜଣେ ବୃଦ୍ଧଙ୍କ ସହିତ। ସେ ବ୍ୟାଙ୍କ ଯାଇ ଟଙ୍କା ଉଠାଇବାକୁ ଗଲା ବେଳକୁ ୩ ଲକ୍ଷ ୨୯ ହଜାର ଟଙ୍କା ଗାଏବ ହୋଇଯାଇଛି। ଏହା ସାଇବର୍ ଠକେଇ ହୋଇଥିବା ଜାଣିପାରି ସାଇବର୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ମାସରେ ବୃଦ୍ଧ ଜଣଙ୍କ ଟଙ୍କା ଉଠାଇବାକୁ ବ୍ୟାଙ୍କ ଯାଇଥିଲେ। ସେହି ସମୟରେ କୌଣସି ଟଙ୍କା ଉଠାଇବା ପାଇଁ ସମର୍ଥ ହୋଇନଥିଲେ। ଆକାଉଣ୍ଟ ବାଲାନ୍ସ ଚେକ୍ କଲାବେଳକୁ ମାତ୍ର ୫୮ ଟଙ୍କା ରହିଛି। ମୋଟ ୩ଲକ୍ଷ ୨୯ ହଜାର ଆକାଉଣ୍ଟରୁ ଖାଲି ହୋଇଯାଇଥିଲା। ତଦନ୍ତ ପରେ ୟୁପିଆଇରେ ଟଙ୍କା କରାବାର ସମୟରେ ଏପରି ଠକେଇ ହୋଇଥିବା ଜଣାପଡ଼ିଥିଲା। ସାଇବର ଠକେଇ ହୋଇଥିବା ଜଣାପଡ଼ିବା ପରେ ଜାତୀୟ ସାଇବର ଅପରାଧ ପୋର୍ଟାଲ ହେଲ୍ପଲାଇନ ନମ୍ବର ୧୯୩୦ରେ କଲ କରି ଅଭିଯୋଗ କରିଥିଲେ। ଶାରିରୀକ ଅସୁସ୍ଥତା କାରଣରୁ ସେ ଥାନାରେ ମାମଲା ଦେଇନଥିଲେ। ଗତ ୧୩ ତାରିଖରେ ନେଇ ସେ ସାଇବର୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମାମଲା ରୁଜୁ ପରେ ତଦନ୍ତ ଚାଲୁଥିବା ପୁଲିସ ପ୍ରକାଶ କରିଛି।

## ବ୍ଲକ୍ସ୍ତରୀୟ ବିଦ୍ୟାଳୟକ୍ରୀଡ଼ା ଚୟନ ପ୍ରତିଯୋଗିତା

ଜମନକିରା,୨୦।୮ (ସମିସ): ଭୋଜପୁର ହାଇସ୍କୁଲ ପଡ଼ିଆରେ ବ୍ଲକସ୍ତରୀୟ ବିଦ୍ୟାଳୟମାନଙ୍କର ହ୍ୟାଣ୍ଡବଲ ଓ ଭୋଲିବଲ କ୍ରୀଡ଼ା ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭୋଜପୁର ଏସଏସଡି ହାଇସ୍କୁଲର ପ୍ରଧାନଶିକ୍ଷକ ନିକୁଞ୍ଜ ବିହାରୀ ରଣା ପ୍ରତିଯୋଗିତାକୁ ଉଦ୍‌ଘାଟନ କରି କ୍ରୀଡା ଶରୀରର ମାନସିକ ଓ ବୌଦ୍ଧିକ ବିକାଶରେ ସହାୟକ ହୁଏ। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ବାଳକ ଓ ବାଳିକା ବିଭାଗରେ ମୋଟ ୮୫ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଚୟନ ହୋଇଥିବା ପ୍ରତିଯୋଗୀ ଆଗାମୀ ଦିନରେ ହେବାକୁ ଥିବା ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଚୟନ ପ୍ରକ୍ରିୟାକୁ ସୁଶାନ୍ତ ଚୌଧୁରୀ, ନିହାର ରଞ୍ଜନ ପଟେଲ, ପ୍ରଦୀପ ବାରିକ, ରଣଜିତ ଗିରି, ଚାରୁଲତା ମାଝୀ, ସ୍ମିତା ନାଗ, ଶିବନାରାୟଣ ବେହେରା, ଦୀପକ କିସାନ, ପ୍ରିତିରଞ୍ଜନ ସାଥୁଆ, ନିଳିମା କେରକେଟା ପ୍ରମୁଖ କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଶିକ୍ଷକ ରୋହିତ କୁମାର ନାଥ ତଥା ଅନ୍ୟ ସହକର୍ମୀଙ୍କ ସହଯୋଗ କରିଥିଲେ।

## ହିଣ୍ଡାଲ୍‌କୋ ପକ୍ଷରୁ କମ୍ୟୁନିଟି ସେଣ୍ଟର ନବୀକରଣ

ସମ୍ବଲପୁର,୨୦।୮ (ସମିସ): ହୀରାକୁଦ ଅଞ୍ଚଳର ପରିପାଶ୍ୱରିକ ଉନ୍ନତିର ଲକ୍ଷରେ ସ୍ଥାନୀୟ ଲୋକଙ୍କ ଆବଶ୍ୟକତାକୁ ଅନୁଭବ କରି ହିଣ୍ଡାଲକୋ ହୀରାକୁଦ ପକ୍ଷରୁ ସ୍ଥାନୀୟ ଲେବର କଲୋନୀସ୍ଥିତ ବହୁମୁଖୀ କମ୍ୟୁନିଟି ସେଣ୍ଟରକୁ ସୌନ୍ଦର୍ଯ୍ୟକରଣ ଓ ନବୀକରଣ କରାଯାଇ ଲୋକାର୍ପିତ କରାଯାଇଛି ।ପୂର୍ବରୁ ଏହି ସେଣ୍ଟରଟି ପରିତ୍ୟକ୍ତ ଓ ବିପଦ ସଂକୁଳ ଅବସ୍ଥାରେ ପଡ଼ି ରହିଥିଲା। ସ୍ଥାନୀୟ ଲୋକମାନଙ୍କ ଅନୁରୋଧକ୍ରମେ କମ୍ପାନୀ କାମ ହାତକୁ ନେଇ ନବୀକରଣ କରିଛି ।ଉଦ୍‌ଘାଟନୀ ଉତ୍ସବରେ ହିଣ୍ଡାଲକୋର ୟୁନିଟ୍ ହେଡ ସୁମିତ ମୁଖାର୍ଜୀ, ହୀରାକୁଦ କମପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ସ୍ମେଲଟର ପ୍ଲାଣ୍ଟ ହେଡ ପ୍ରତାପ ସାହୁ, ପାୱାର ପ୍ଲାଣ୍ଟ ମୁଖ୍ୟ ଅରୁଣ କୁମାର ସିଂ, ଶିଳ୍ପ ସମ୍ପର୍କ ମୁଖ୍ୟ ସତ୍ୟ ପ୍ରକାଶ ଦାସ, ଲ୍ୟାଣ୍ଡ ଏବଂ କର୍ପୋରେଟ ବ୍ୟାପାର ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା, ଅଜୟ କୁମାର ମହାନ୍ତି, ବିଦ୍ୟାଧର ପାଣିଗ୍ରାହୀ ଶ୍ରମିକ ସଂଗଠନର ସରୋଜ ମହାନ୍ତି, ଜିତୁ ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ହିଣ୍ଡାଲ୍‌କୋ ମିଳିତଭାବେ କାର୍ଯ୍ୟକଲେ ଅଞ୍ଚଳରେ ଉନ୍ନତିର ଧାରା ଜାରି ରହିବ ବୋଲି ମତ ପ୍ରକାଶ ପାଇଥିଲା। ଏହିପରି କାର୍ଯ୍ୟ ପାଇଁ ସ୍ଥାନୀୟ ବାସୀ ଖୁସି ବ୍ୟକ୍ତ କରିଛନ୍ତି।



## ନୂଆଁଖାଇରେ ୨ଦିନ ଛୁଟି ପାଇଁ ଦାବି

ସମ୍ବଲପୁର,୨୦।୮ (ସମିସ): ଖିଣ୍ଡାସ୍ଥିତ ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘ ପକ୍ଷରୁ ବୁଧବାର ଏନଏଲସି ଏବଂ ଆଦାନୀ କର୍ତ୍ତୃପକ୍ଷଙ୍କୁ ବିଭିନ୍ନ ଦାବି ପତ୍ର ଲାଗି ସ୍ମାରକୀପତ୍ର ପ୍ରଦାନ କରାଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ବାବଲୁ ରାଉତଙ୍କ ନେତୃତ୍ୱରେ ଶହ ଶହ ଶ୍ରମିକ ବିଭିନ୍ନ ସମସ୍ୟାର ସମାଧାନ ନେଇ ଏନ୍‌ଏଲସି ଖଣି ସ୍ଥିତ ଅଫିସରେ ଦାବିପତ୍ର ଦେଇଥିଲେ। ବିଶେଷ ଭାବେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ଦୁଇ ଦିନ ଛୁଟି ଘୋଷଣା ଦାବି କରିଥିଲେ ।ଏହା ସହ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାକୁ କହିଥିଲେ। ଯେପରିକି ଗିଫ୍ଟ ଭାଉଚର, ବର୍ଦ୍ଧିତ ଏଚପିସି ୱେଜସ, ଡ୍ରେସ କୋର୍ଟ, କ୍ୟାଣ୍ଟିନ ସୁବିଧା, ଖଣିରେ ୟୁନିଅନ କାର୍ଯ୍ୟାଳୟ, ଶ୍ରମିକ ମାନଙ୍କ ପଦୋନ୍ନତି, ପିଇବା ପାଣିର ସୁବିଧା ଶୀଘ୍ର ଦାବି କରିବାକୁ କହିଥିଲେ। ପୂର୍ବରୁ କମ୍ପାନୀ କର୍ତ୍ତୃପକ୍ଷ ସମସ୍ତ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି ସୁବିଧା କରିନାହି। ଯାହାଫଳରେ ଶ୍ରମିକମାନଙ୍କ ହକ ଏବଂ ଅଧିକାରରୁ ବଞ୍ଚିତ ହେଉଛନ୍ତି। ସବୁ ଦାବିଗୁଡିକ ୩ ଦିନ ଭିତରେ ପୂରଣ ନହେଲେ ଆଗକୁ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

**ଦାବି ୩ ଦିନରେ ପୂରଣ ନହେଲେ ଆନ୍ଦୋଳନ**

## ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ମାଗଣା ଚକ୍ଷୁ ପରୀକ୍ଷା

ଅତାବିରା,୨୦।୮ (ସମିସ): ବିଶ୍ୱ ଫଟୋଗ୍ରାଫି ଦିବସ ରୂପେ ଅଗଷ୍ଟ ୧୯ ତାରିଖକୁ ପାଳନ କରାଯାଉଛି। ଏହି ଉପଲକ୍ଷେ ଅଗ୍ରସେନ ଭବନ ଠାରେ ଫଟୋଗ୍ରାଫର୍ ଆସୋସିଏସନ୍ ଅଫ୍ ଅତାବିରା ପକ୍ଷରୁ ବିଶ୍ୱ ଫୋଟୋଗ୍ରାଫି ଦିବସ ପାଳିତ ହୋଇଛି। ଫଟୋଗ୍ରାଫର ସଂଘ ତରଫରୁ ଅତାବିରା ନିକଟସ୍ଥ ଲାଦରପାଲି ଶ୍ରୀ ଅରବିନ୍ଦ ଶିକ୍ଷା କେନ୍ଦ୍ରଠାରେ ସୁନୟନ ଆଇ କେୟାର ବରଗଡ଼ର ମୁଖ୍ୟ ଡ.ସୁବଳ କିଶୋର କରଙ୍କ ମିଳିତ ଉଦ୍ୟମରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୩୫ ଛାତ୍ରଛାତ୍ରୀ ଏବଂ ୪୬ ସାଧାରଣ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଗଲା। ଏହା ସହିତ ଚାଷୀଙ୍କ ସକାଶେ କିଷାନ ଡ୍ରୋନର ଡେମୋ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ସଂଘର ସଭାପତି ତଥା ଫଟୋଗ୍ରାଫର ମହାସଂଘ ରାଜ୍ୟ ସଭାପତି ସଞ୍ଜୟ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଅରୁଣ ହୋତା, ସମ୍ମାନିତ ଅତିଥି ଡ.ସୁବଳ କିଶୋର କର, ଶେଷଦେବ ପଧାନ, ବରଗଡ଼ ଆକ୍ଟିଭ ଫଟୋଗ୍ରାଫର୍ ଆସୋସିଏସନର ସଭାପତି କୁନା ମେହେର ଯୋଗ ଦେଇଥିଲେ। ସଭାକୁ ସମ୍ପାଦକ ସୁଦାମ ଚରଣ ମିଶ୍ର ସଂଯୋଜନା କରିଥିଲେ। ସଂଘର ସମସ୍ତ ସଭ୍ୟ ତଥା ସ୍କୁଲର ଅଧକ୍ଷ ବଭ୍ରୁବାହନ ମିଶ୍ରଙ୍କ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ସାର୍ବଜନୀନ କାଳୀପୂଜା ପାଇଁ ପ୍ରସ୍ତୁତି

ପଦ୍ମପୁର,୨୦।୮ (ସମିସ): ହନୁମାନ ପଡ଼ା ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ କାଳୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗତବର୍ଷର ଆୟବ୍ୟୟ ପଠନ କରାଯିବା ସହ ଆଗାମୀ ପୂଜା ପାଇଁ ନୂତନ କମିଟି ଗଠନ କରାଗଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ଆଇନଜୀବୀ ଅଜିତ ଶତପଥୀ ମନୋନୀତ ହୋଇଥିବା ବେଳେ ପ୍ରିୟରଞ୍ଜନ ଭୋଇ ଓ ପ୍ରଫୁଲ୍ଲ ମିଶ୍ର ଉପସଭାପତି, ଆଦର୍ଶ ନାଥ ଓ ଅଜୁ ପଟ୍ଟନାୟକ ସମ୍ପାଦକ, ଶ୍ୟାମଳ ଦାସ କୋଷାଧ୍ୟକ୍ଷ, ରାକେଶ ଦାସ ସହକୋଷଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଏହାସହ ଉପଦେଷ୍ଟା କମିଟିରେ ଅଶୋକ ବହିଦାର, ଜିତେନ୍ଦ୍ର ଦାସ, ହରିହର ପଟ୍ଟନାୟକ, ସୁବାଷ ପାତ୍ର, ଭରତ ନାୟକ, ଉପେନ୍ଦ୍ର ପାଢ଼ୀ ରହିଥିବା ବେଳେ କାର୍ଯ୍ୟକାରୀ କମିଟି ମଧ୍ୟ ଗଠନ କରାଯାଇଥିଲା। ଅକ୍ଟୋବର ୨୧ରେ ଅଧିବାସ ତଥା କଳସ ଯାତ୍ରା ଥିବା ବେଳେ ୨୫ରେ ମାଁ ଶ୍ୟାମାକାଳୀଙ୍କ ଭସାଣୀ ଯାତ୍ରା ଅନୁଷ୍ଠିତ ହେବ। ପୂଜାକୁ ଏଥର ଧୁମଧାମରେ ପାଳନ କରିବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ସଭାପତି ଶ୍ରୀ ଶତପଥୀ ସୂଚନା ପ୍ରଦାନ କରିଛନ୍ତି।

## ଦାଦନ ସମସ୍ୟା ସମାଧାନ ପାଇଁ ଗାଁରେ ପହଞ୍ଚିଲା ବ୍ଲକ୍ ପ୍ରଶାସନ

ଝାରବନ୍ଧ,୨୦।୮ (ସମିସ): ଝାରବନ୍ଧ ବ୍ଲକ୍ ହେଉଛି ଏକ ଦାଦନ ଶ୍ରମିକ ଅଞ୍ଚଳ। ବାହାର ରାଜ୍ୟକୁ ଦାଦନ ଖଟି ଯାଉଥିବା ଶ୍ରମିକଙ୍କୁ ନିଜ ବ୍ଲକ୍‌ରେ ମନରେଗା ଯୋଜନାରେ ସାମିଲ କରି ଲୋକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବ୍ଲକ୍ ପ୍ରଶାସନ ତରଫରୁ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା କର୍ମଚାରୀଙ୍କ ସହିତ ଭଣ୍ଡାରପୁରୀ ପଞ୍ଚାୟତର ଜାମପାଲି ଗାଁରେ ପହଞ୍ଚି ଦାଦନ ରୋକିବା ପାଇଁ ସଚେତନତା ବୈଠକ କରିଛନ୍ତି। ଜନସାଧାରଣ କିପରି ମନରେଗା ଯୋଜନାରେ ଫାର୍ମ ପଣ୍ଡ, ଟିସିବି, ଜମି ମରାମତି - ଆଟ ଜମିକୁ ଧାନ ଚାଷ ଜମି କରିବା, ଛେଳି ଗୁହାଳ, ଗାଇ ଗୁହାଳ ପ୍ରଦାନ ତଥା ଉଦ୍ୟାନ କୃଷି ବିଭାଗ, ପ୍ରାଣୀଧନ ବିଭାଗ, କୃଷି ବିଭାଗ ତରଫରୁ ଆସୁଥିବା ଯୋଜନା ପାଇ ପାରିବେ ଏବଂ ଆର୍ଥିକ ସ୍ୱଚ୍ଛଳତାରେ ରହିବେ ସେ ବିଷୟରେ ବୈଠକରେ ଲୋକଙ୍କ ସହିତ ଆଲୋଚନା କରିଥିଲେ। ବୈଠକରେ ବିଡିଓ ପଣ୍ଡାଙ୍କ ସହିତ ଏପିଓ ବେଲାଲ ସେନ ସେନାପତି, ମନରେଗା ସହାୟକ, ରମାକାନ୍ତ ବହିଦାର ସାମିଲ ଥିବା ବେଳେ ଭଣ୍ଡାରପୁରୀ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ସୋମନାଥ ବାଗ, ପିଇଓ ନରସିଂହ ଦାଉ ପଞ୍ଚାୟତ କର୍ମଚାରୀ ଉପସ୍ଥିତ ଥାଇ ଲୋକଙ୍କ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଝାରବନ୍ଧ ବ୍ଲକ୍‌ର ସମସ୍ତ ବିଭାଗର ମିଳିତ ସହଯୋଗରେ ଏବଂ ମନରେଗା ଯୋଜନାରେ ଲୋକଙ୍କୁ ସାମିଲ କରି ଝାରବନ୍ଧ ବ୍ଲକ୍ ଦାଦନ ସମସ୍ୟାର ସମାଧାନର ବାଟ ବହାର କରାଯାଇପାରିବ ବୋଲି ବିଡିଓ ପର୍ଶୁରାମ ପଣ୍ଡା ସୂଚନା ଦେଇଛନ୍ତି।

## ଥୁଆପାଲି ଲାୟନ୍ସ କ୍ଲବ୍‌ର ବାର୍ଷିକୋତ୍ସବ

ଥୁଆପାଲି,୨୦।୮ (ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୍ ଝରାପାଲି ମାର୍କେଟ ଥୁଆପାଲି ଲାୟନ୍ସ କ୍ଲବ୍ ଓ ଲିଓ କ୍ଲବ୍ ପକ୍ଷରୁ ୧୧ତମ ସଂସ୍ଥାପନା ଦିବସ ପାଳିତ ହୋଇଯାଇଛି। ଶଙ୍କରଲାଲ ଅଗ୍ରୱାଲ ଏହାର ସଂଯୋଜନା କରିଥିଲେ। ରାଜେଶ ହୋତା ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡିଜି ମମତା ଗୌତମ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭିଡିଜି ଚରନ୍ଜିତ ହୁରା, ସଂସ୍ଥାପନା ଅଧିକାରୀ ପିଡିଜି ପ୍ରବୀଣ ଅଗ୍ରୱାଲ, ଆରସି କୁଶ୍ଜିତ କୌର, ଜିଏମଟି ମନୋଜ ଶର୍ମା ଉପସ୍ଥିତ ଥିଲେ। ୧୧ତମ ବାର୍ଷିକ ଉତ୍ସବ ଅବସରରେ ଲାୟନ୍ସ କ୍ଲବ୍ ଓ ଲିଓ କ୍ଲବ୍‌ର ସର୍ବ ସମ୍ମତି କ୍ରମେ କ୍ଲବ୍‌ର ସଭାପତି ଭାବେ ଅକ୍ଷୟ ପଧାନ, ସମ୍ପାଦକ ସନ୍ତୋଷ ପ୍ରଧାନ ଓ ଲିଓ କ୍ଲବ୍‌ର ସଭାପତି ଭାବେ ୟୁରମେଶ, ସମ୍ପାଦକ ବଳରାମ ସାହାନୀଙ୍କୁ ଚୟନ କରାଯାଇଥିଲା। ଅଞ୍ଚଳର ୭ଟି ଉଚ୍ଚ ବିଦ୍ୟାଳୟର ମାଟ୍ରିକ ପରୀକ୍ଷାରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମମେଣ୍ଟୋ ସହିତ ସ୍କୁଲ ବ୍ୟାଗ ପ୍ରଦାନ କରାଯାଇଥିଲା। ଏହା ସହିତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ମୋଟ ୨୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହାକୁ ବରଗଡ଼ ରକ୍ତଭଣ୍ଡାରର ସୁବାଷ ଭୋଇ, ସବିତା ନାୟକ, କୃଷ୍ଣଚନ୍ଦ୍ର ସାହୁ ଓ ଅମନ ସେଠ ସଂଗ୍ରହ କରିଥିଲେ। ଥୁଆପାଲି ରାଷ୍ଟ୍ରୀୟ ଶିକ୍ଷା ବିକାଶ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ସମ୍ପାଦକ ସନ୍ତୋଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**● ବିଭିନ୍ନ ସମସ୍ୟା ନେଇ ବିଜେଡିର ସାମ୍ବାଦିକ ସମ୍ମିଳନୀ**

## ଗଣତାନ୍ତ୍ରିକ ପଦ୍ଧତିରେ ପ୍ରତିବାଦ କରିବୁ



ରେଢ଼ାଖୋଲ,୨୦।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଡ଼ିଏଫଓ କନଫରେନ୍ସ ହଲରେ ବୁଧୁବାର ଦିନ ବିଜେଡି ପକ୍ଷରୁ ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଆଚାର୍ଯ୍ୟ ଉଲ୍ଲେଖ କରାଯାଇଛି ଯେ ସହର ଭିତର ଦେଇ ଅନିୟମିତତା ଭାବରେ ଓଭର ଲୋଡ ବିଷାକ୍ତ ପାଉଁଶ ବୋଝେଇ ଗାଡି ବାରମ୍ବାର ଚଳାଚଳ କରୁଛି। ଅଧିକାରୀମାନେ ମୌଖିକ ପ୍ରତିଶ୍ରୁତି ଦେଇଛନ୍ତି କିନ୍ତୁ କାର୍ଯ୍ୟକାରୀ କରାଯାଉ ନାହିଁ। ଅଞ୍ଚଳବାସୀ ବିଷାକ୍ତ ପାଉଁଶ ଯୋଗୁଁ ବିଭିନ୍ନ ରୋଗରେ ରୋଗାକ୍ରାନ୍ତ ହେଲେଣି, କଣ ଅଞ୍ଚଳବାସୀଙ୍କ ବଞ୍ଚିବାର ଅଧିକାର ନାହିଁ କି ବୋଲି ପ୍ରତିକ୍ରିୟା ଦେବା ସହ ଲୁହାପଙ୍କ ସାଧୁମୁଣ୍ଡା ଠାରେ ପ୍ରବେଶ ରାସ୍ତା ନାହିଁ, ସାଧୁମୁଣ୍ଡା ଠାରୁ ଜୁଯୁମୁରା ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ତାରିଣୀ ଢ଼ାବା ସମୟ ଅଫିସ ଠାରେ ପ୍ରବେଶ ରାସ୍ତା ନ ଥିବା, ନୂଆପଡା ଛକ ଠାରେ ପ୍ରବେଶ ରାସ୍ତା ନ ଥିବାରୁ ନୂଆପଡା, ଝାଙ୍କରପଡା, ବରମପୁରା, ଏବଂ ବୁର୍ଡକ୍ଷ ପଞ୍ଚାୟତକୁ ଯାଉଥିବା ଜନସାଧାରଣ ହଇରାଣ ହେଉଥିବା ଶ୍ରୀ ଆଚାର୍ଯ୍ୟ ଅଭିଯୋଗ ରଖିଥିଲେ। ସେହିପରି ଚାରମାଳର ଖୁବେଲ ରାସ୍ତା ଠାରେ ଅଣ୍ଡର ପାସ ରାସ୍ତା ନାହିଁ ତେଣୁ ଚାରମାଳ ଠାରେ ପ୍ରତ୍ୟେକ ଦିନ ବାରମ୍ବାର ଜାତୀୟ ରାଜପଥ ଉପରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ଚାରମାଳ ଠାରେ ଜାତୀୟ ରାଜପଥରେ ସଠିକ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଚାରମାଳ ଡାକ୍ତରଖାନା କୁ ପାଣି ପଶି ଅପରିଷ୍କାର ହେବା ସହ ରୋଗୀଙ୍କ ଯାତାୟାତାରେ ଅସୁବିଧା ହେଉଛନ୍ତି। ସେହିପରି ମନ୍ଦିର ପାଖ ବ୍ରିଜ ଖାଲଖମା ଯୋଗୁଁ ଯାତାୟାତ ଅସୁବିଧା, ରାସ୍ତା କାମ ଶେଷ ନହେବା ପର୍ଯ୍ୟନ୍ତ ଟୋଲ ଗେଟକୁ ଉଚ୍ଛେଦ କରାଯିବା, ପାଉଁଶ ବୋଝେଇ ଗାଡି ଜନଗହଳି ଏବଂ ଦୋକାନ ବଜାର ଖୋଲା ସମୟରେ ଟାଉନ ଭିତରକୁ ନଯିବା ପାଇଁ ପୂର୍ବରୁ ଆଲୋଚନା ହୋଇଥିଲେ। ହେଲେ ଗୋଟେ ଦିନ ବନ୍ଦ ହେବାପରେ ପୁଣି ଚାଲୁଥିବା, ରେଢ଼ାଖୋଲ ଦେଇ ଯାଇଥିବା ୬ କିମି ରାସ୍ତା ସହର ଭିତର ଦେଇ ଯିବ କିମ୍ବା ବାଇପାସ ହେବ ତାହା ଅଞ୍ଚଳବାସୀ ଦ୍ୱନ୍ଦ୍ୱରେ ରହିଛନ୍ତି। ତୁରନ୍ତ ସମାଧାନ ସମ୍ପୂର୍ଣ୍ଣ କରିବା ପାଇଁ ବିଧାୟକ ପ୍ରକାଶ କରିଥିଲେ। ସରକାର ଶୀଘ୍ର ସମସ୍ୟାର ସମାଧାନ ନ କଲେ ଆସନ୍ତା ଅଗଷ୍ଟ ୨୨ ତାରିଖ ସକାଳ ୬ ଘଟିକା ଠାରୁ ସନ୍ଧ୍ୟା ୬ ଟା ସମୟ ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବିଜେଡ଼ି ପକ୍ଷରୁ ରେଢ଼ାଖୋଲ ବନ୍ଦ ଡାକରା ଏବଂ ରାସ୍ତା ରୋକ କରାଯିବ ବୋଲି ବିଧାୟକ ଶ୍ରୀ ଆଚାର୍ଯ୍ୟ ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ରେଢ଼ାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବ୍ଲକ୍ ବିଜେଡି ସଭାପତି ଉଦିତ ତ୍ରିପାଠୀ, ବରିଷ୍ଠ ବିଜେଡି ନେତା ଅରୁଣ କୁମାର ପ୍ରଧାନ, ପୂର୍ବତନ ଏନ୍‌ଏସି ଉପାଧକ୍ଷ ସୁନୀଲ ପ୍ରଧାନ, ବିଜେଡି ନଗର ସଭାପତି ସିଦ୍ଧାର୍ଥ ପ୍ରଧାନ, ବିଜେଡି ଯୁବ ସଭାପତି ବିକାଶ ଦାସ, ଛାତ୍ର ସଭାପତି ଶିବଶମ୍ଭୁ ନନ୍ଦ, ବରିଷ୍ଠ ନେତା ପୁରୁଷୋତ୍ତମ ଅଗ୍ରୱାଲ, ବାସୁଦେବ ପୃଷେଠ, କାଉନସିଲର ସୁଧାଂଶୁ ଅମାତ ପ୍ରମୁଖ ସମେତ ବହୁ ସଂଖ୍ୟାରେ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ।

## ବ୍ଲକ୍ସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ

ଜମନକିରା,୨୦।୮ (ସମିସ): ବୁଧବାର ଦିନ ଜମନକିରା ପଞ୍ଚାୟତ ସମିତି ସଭାଗୃହରେ ମନରେଗା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ -୨୦୧୩ ଓ ସମଗ୍ର ଶିକ୍ଷ୍ୟା ଯୋଜନାର ବ୍ଲକ୍ସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆର୍ତ୍ତତ୍ରାଣ ଶତପଥି ଜିଲ୍ଲା ସାମାଜିକ ସମୀକ୍ଷକ ସମ୍ବଲପୁର ,ମହିମା ସାହୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜମନକିରା,ସତ୍ୟଜିତ ସାହୁ ଏଇଇ ଜମନକିରା, ବିଇଓ ରୁକ୍ମଣ ପ୍ରଧାନ,ମନୋଜ କୁମାର ଭୋଇ ଅତିରିକ୍ତ କାର୍ଯକ୍ରମ ଅଧିକାରୀ ଜମନକିରା, ବିଜୟ କୁଲୁ ଯୋଗାଣ ନିରିକ୍ଷକ ଜମନକିରା ମଞ୍ଚାସୀନ ଥିବା ସହିତ କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମ ରୋଜଗାର ସେବକ ସମସ୍ତ ଏଡିଇଓ , ସମସ୍ତ ଯୋଗାଣ ସହାୟକ, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ବିଭାଗୀୟ ଅଧିକାରୀ , ଭିଆରପି,ବ୍ଲକ୍‌ସାମାଜିକ ସମୀକ୍ଷକ, ଜବକାର୍ଡ ଧାରି ଏବଂ ସାମ୍ବାଦିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆରତତ୍ରାଣ ଶତପଥି ଜିଲ୍ଲା ସାମାଜିକ ସମୀକ୍ଷକ ସମ୍ବଲପୁର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମନୋଜ କୁମାର ଭୋଇ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଜମନକିରା ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ ଓ ମାନରେଗା ଯୋଜନାର ଅଗ୍ରଗତି ରିପୋର୍ଟ ପଠନ କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହିମା ସାହୁ ଅତିରିକ୍ତ ଗୋଷ୍ଠୀଉନ୍ନୟନ ଅଧିକାରୀ ଜମନକିରା, କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିବା ସହିର ମନରେଗା ଯୋଜନାର ସଫଳ ରୂପାୟନ ନିମନ୍ତେ ବିଶଦ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଆରତତ୍ରାଣ ଶତପଥି, ଜିଲ୍ଲା ସାମାଜିକ ସମୀକ୍ଷକ,ସମ୍ବଲପୁର ,ବ୍ଲକ୍‌ସ୍ତରୀୟ ଜନ ଶୁଣାଣି ବିଷୟରେ ବିଶଦ ଭାବରେ ଆଲୋଚନା କରିବା ସହିତ ମନରେଗା ଯୋଜନା ବିଷୟରେ ଆଲୋଚନା କରିଥିଲେ। ଜନ ଶୁଣାଣି କାର୍ଯ୍ୟକ୍ରମରେ ଆସିଥିବା ବିଭିନ୍ନ ଅଭିଯୋଗର ଗୋଟି ଗୋଟି କରି ପଠନ କରିଥିଲେ। ସବୁ ଅଭିଯୋଗ ଗୁଡିକର ଶୁଣାଣି କରିବା ସହିତ ଆଶୁ ସମାଧାନ କରଯାଇଥିଲା। କାର୍ଯ୍ୟକ୍ରମରେ ମାନରେଗା ଯୋଜନାର ସମୁଦାୟ ୬୬ଟି ଅଭିଯୋଗର ଶୁଣାଣି ହୋଇଥିଲା ।ଶେଷରେ ସତ୍ୟଜିତ ସାହୁ ଏଇଇ ଧନ୍ୟବାଦ ଅର୍ପଣ ପୂର୍ବକ ସଭା ସାଙ୍ଗ କରିଥିଲେ।

## ଗୁଡ଼େଶିରା ସାର୍ବଜନୀନ ଦୁର୍ଗାପୂଜା କର୍ମକର୍ତ୍ତା ଚୟନ

ବରଗଡ଼,୨୦।୮ (ସମିସ): ବରଗଡ଼ ଉପକଣ୍ଠ ଗୁଡେଶିରା ଗାଁରେ ୫୯ତମ ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହୋଇଛନ୍ତି ଗୁଡେଶିରା ବାସୀ। ପ୍ରାଥମିକ ପର୍ଯ୍ୟାୟରେ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ଲଳିତ ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଛି। ସେହିପରି ଉପସଭାପତି ଗଗନ ବିହାରୀ ଦାଶ, ସମ୍ପାଦକ ଦେବାଶିଷ ଦାଶ, ସହ ସମ୍ପାଦକ ଟିଟୁନ ଦାଶ, କୋଷାଧ୍ୟକ୍ଷ ଦୁର୍ଗା ପ୍ରସାଦ ଦେବତା, ସୁନୀଲ ଦାଶ, ମନବୋଧ ଆଚାର୍ଯ୍ୟ, ସୁମିତ ଦାଶ, ଜ୍ୟୋତିଷ ଦାଶ, ଧୀରଜ ଦାଶ, ଅଭିମନ୍ୟୁ ସାହୁଙ୍କୁ ସଦସ୍ୟ ରୂପେ ମନୋନୀତ କରାଯାଇଛି।

# ସରକାରୀ ଜାଗାରୁ ଘର ଭାଙ୍ଗିଲା ପ୍ରଶାସନ

ପାଇକମାଲ,୨୦।୮ (ସମିସ)



ପାଇକମାଲରେ ବହୁ ପ୍ରତିକ୍ଷିତ ଘର ଭଙ୍ଗା କାର୍ଯ୍ୟକ୍ରମର ଅନ୍ତ ଘଟିଛି। ବୁଧବାର ସକାଳୁ ପାଇକମାଳ ସଡକପଡାରୁ ଆରମ୍ଭ କରି ସନ୍ଧ୍ୟା ପର୍ଯ୍ୟନ୍ତ ନୃସିଂହପଡା ଯାଏ ଘର ଭଙ୍ଗା କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ଝାରବନ୍ଧ ତହସିଲଦାର ଅଲେଖ ଘୁଟା ମାଜିଷ୍ଟ୍ରେଟ ଚାର୍ଜରେ ଥିବା ବେଳେ ପାଇକମାଳ ତହସିଲଦାର ସିନ୍ଧୁସୂତା ପାତ୍ର, ପାଇକମାଳ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ, ପୁଲିସ ଫୋର୍ସ, ଅଗ୍ନିଶମ ବାହିନୀ, ପାଇକମାଳ ତହସିଲର ଅଧୀନରେ ଥିବା ସମସ୍ତ ଆରଆଇ ଓ ଅମିନ ଅଂଶଗ୍ରହଣ କରିଥିଲେ। ପ୍ରଶାସନ ତରଫରୁ ସରକାରୀ ଜାଗାରେ ତିଆରି ହୋଇଥିବା ଘର ମାଲିକଙ୍କୁ ତିନିଥର ଘର ଭଙ୍ଗା ନୋଟିସ ଦେବା ପରେ ଆଜି ଘର ଭଙ୍ଗା ଯାଇଥିଲା। ଅଧିକାଂଶ ଘର ମାଲିକ ନିଜେ ପ୍ରଶାସନ ତରଫରୁ ଚିହ୍ନିତ କରାଯାଇଥିବା ସରକାରୀ ଜାଗାକୁ ଆଗରୁ ଭାଙ୍ଗି ଦେଇଥିଲେ। ପାଖାପାଖି ଏକ ବର୍ଷ ହେବ ଅଧାପନ୍ତରିଆ ହୋଇ ପଡିଥିବା ସଡକପଡା ରାସ୍ତାଟି ଘର ଭଙ୍ଗା ପରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି। ଘର ଭାଙ୍ଗିବା ସମୟରେ କେହି ଘର ମାଲିକ ଆପତ୍ତି କରି ନଥିବାରୁ କୌଣସି ଅପ୍ରୀତିକର ଘଟଣା ଘଟିନାହିଁ ବୋଲି ପାଇକମାଳ ତହସିଲଦାର ଓ ଥାନା ଅଧିକାରୀ କହିଛନ୍ତି।

